ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK  ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.228 Bhubaneswar Sunday October 30 2022 | ୨୫ତମ ବର୍ଷ ସଂଖ୍ୟା–୨୨୮ ଭୁବନେଶ୍ୱର, ରବିବାର, ଅକ୍ଟୋବର ୩୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ପଦ୍ମପୁର ନିର୍ବାଚନ: ବିଜେଡିର 'ଗୁରୁବାର', ୪୮୮କୋଟିର ପ୍ରକଳ୍ପ ଘୋଷଣା



ଭୁବନେଶ୍ୱର,୨୯।୧୦(ପି.ଏନ): ରାଜ୍ୟ ରାଜକୋଷ ପାଣ୍ଠିରେ ଦଳ ପାଇଁ ଭୋଟ ସଂଗ୍ରହ କରିବାର ପୁରୁଣା ଫର୍ମୁଲାକୁ ଆପଣାଇ କ୍ଷମତାସୀନ ବିଜେଡି ସରକାର ଆଜି ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇଁ ମୋଟ ୪୮୮କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଘୋଷଣା କରିଛନ୍ତି । ଧାମନଗର ଉପନିର୍ବାଚନ ତାରିଖ ଅଚାନକ ଘୋଷଣା ହେବା ଯୋଗୁ ସେହି ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ୟାକେଜ୍ ଘୋଷଣା କରିପାରିନଥିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପଦ୍ମପୁର ନିର୍ବାଚନମଣ୍ଡଳୀ ନିମନ୍ତେ ରାଜକୋଷରୁ ପ୍ରାୟ ୪୮୮କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ନିର୍ବାଚନ ପୂର୍ବରୁ ନିର୍ବାଚନମଣ୍ଡଳୀ ପାଇଁ ଏକକାଳୀନ ୨୫୦ରୁ ଅଧିକ ପ୍ରକଳ୍ପ ଘୋଷଣା କରି ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଜେଡି ସରକାର ପ୍ରୟାସ କରିଛନ୍ତି । ତେବେ ରାଜକୋଷ ପାଣ୍ଠିରେ ଗୁରୁବାର କରି ଦଳ ନିମନ୍ତେ ଭୋଟ୍ ସଂଗ୍ରହ କରିବାର ବିଜେଡିର ଏହି ଫର୍ମୁଲା ପଦ୍ମପୁରରେ କେତେ ଫଳପ୍ରଦ ହେବ ତାକୁ ନେଇ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି ।ସୂଚନା ଅନୁସାରେ, ପଦ୍ମପୁର ଉପନିର୍ବାଚନ ପାଇଁ ଯେକୌଣସି ମୁହୂର୍ତ୍ତରେ ତାରିଖ ଘୋଷଣା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଶାସକ ବିଜେଡି ପଦ୍ମପୁର ନିର୍ବାଚନମଣ୍ଡଳୀରେ ନିଜର ସାଂଗଠନିକ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବାରେ ଲାଗିଛି । ବିଧାୟକ ବିଜୟରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ଯୋଗୁ ଖାଲି ପଡିଥିବା ଏହି ଆସନକୁ ପୁଣିଥରେ ହାତେଇବା ନିମନ୍ତେ ବିଜେଡି ଏବେଠୁ କସରତ ଆରମ୍ଭ କରିଦେଇଛି । ରାଜ୍ୟ ରାଜକୋଷ ପାଣ୍ଠିରେ ଆଜି ପଦ୍ମପୁରରେ ବିଜେଡି ପକ୍ଷରୁ ଆଜି ଶନିବାର ଏକ ବିଶାଳ ସରକାରୀ ସମାବେଶ ଆୟୋଜନ ହୋଇଥିଲା, ସେଥିରେ ୩ଜଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରୀତା ସାହୁ ଓ ଶ୍ରୀକାନ୍ତ ସାହୁଙ୍କ ସମେତ ୩ଜଣ ବିଧାୟକ ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ ଓ ଦେବେଶ ଆଚାର୍ଯ୍ୟ, ସ୍ଥାନୀୟ ନେତା ସାଧୁ ନେପାକ ଓ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସାମିଲ ହୋଇ ସ୍ଥାନୀୟ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଥିଲେ । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭର୍ଚୁଆଲ ମୋଡରେ ସାମିଲ ହୋଇ ଏହି ୪୮୮କୋଟି ଟଙ୍କାର ପ୍ରକଳ୍ପ ପଦ୍ମପୁରବାସୀଙ୍କୁ ଭେଟି ଦେବା ସହ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଚାଷୀମାନେ ଫସଲ ବୀମା ପାଇନଥିବା କହି ନିଜ ଉପରୁ ଦୋଷ ଛଡାଇବା ଓ କେନ୍ଦ୍ର ବିରୁଦ୍ଧରେ ରାଜନୀତିକ ଗୋଟି ଚଳାଇଛନ୍ତି ।ରାଜ୍ୟର ଦୁଇ ପ୍ରମୁଖ ଦଳ ବିଜେପି ଓ କଂଗ୍ରେସ ଏବେ ଧାମନଗର ଉପନିର୍ବାଚନରେ ବ୍ୟସ୍ତ ଥିବାବେଳେ ଶାସକ ବିଜେଡି ଏବେ ପ୍ରଶାସନିକ କଳକୁ ଉପଯୋଗ କରି ପଦ୍ମପୁର ନିର୍ବାଚନମଣ୍ଡଳୀର ବାସିନ୍ଦାଙ୍କୁ ପ୍ରଲୋଭନ ପାଇଁ ଉଦ୍ୟମ ଆରମ୍ଭ କରିଛି । ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକ୍ ଓ ଏନଏସି ଦାୟିତ୍ୱରେ ଦଳୀୟ ନେତାମାନଙ୍କୁ ଆବଂଟିତ କରାଇ ଦଳୀୟ ଭୋଟକୁ ସୁଦୃ? କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଉପନିର୍ବାଚନ ପୂର୍ବରୁ ଅଚାନକ ପଦ୍ମପୁରବାସୀଙ୍କ ପ୍ରତି ବିଜେଡି ସରକାରର ଦରଦକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି ।ଏପଟେ, ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେପି ନିଜର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିବା ନିଶ୍ଚିତ ଥିବାବେଳେ ବିଜେଡି ନିଜର ପ୍ରାର୍ଥୀ ଭାବେ ଜଣେ ପ୍ରଶାସନିକ ଅଫିସରଙ୍କୁ ମଇଦାନକୁ ଓହ୍ଲାଇବ ବୋଲି ଚର୍ଚ୍ଚା ହେଉଛି । ବିଶେଷକରି ଦିବଂଗତ ଶ୍ରୀ ବରିହାଙ୍କ ପରିବାରକୁ କାହାରିକୁ ପ୍ରାର୍ଥୀ କଲେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା କ୍ଷୀଣ ଥିବା ନେଇ ଗୁଇନ୍ଦା ଓ ପ୍ରଶାସନିକ ରିପୋର୍ଟକୁ ଆଧାର କରି ବିଜେଡି ଏବେ ଏଭଳି ରଣନୀତି ପ୍ରସ୍ତୁତ କରୁଥିଲେ ମଧ୍ୟ ଭଟଲି ବିଧାୟକ ସୁଶାନ୍ତ ସିଂ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଛିଡା କରାଇ ବିଜେଡି ପାଇଁ 'ଧାମନଗର' ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଯାଉଥିବା ଜଣାପଡିଛି ।

## ୨ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଯାଜପୁର-ଭଦ୍ରକ ଜିଲ୍ଲା ସୀମା ସିଲ୍ ଦାବି କଲା ବିଜେପି

ଭୁବନେଶ୍ୱର,୨୯।୧୦(ପି.ଏନ): ଧାମନଗରରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଓ ଭୋଟ୍ କରାଇବା ନିମନ୍ତେ ସରକାରୀ କର୍ମଚାରୀଙ୍କୁ ଶାସକ ବିଜେଡି ନିୟୋଜିତ କରିଛି ବୋଲି ଆଜି ବିଜେପି ଅଭିଯୋଗ କରିଛି । ୨ଜଣ ସରକାରୀ କର୍ମଚାରୀ ନିୟମ ଉଲ୍ଲଙ୍ଘନ କରି କିଭଳି ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ତା'ର ତଥ୍ୟ ପ୍ରମାଣ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବା ସହ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛି ।ସେହିପରି ବିଜେପିର ଅନ୍ୟ ଏକ ଟିମ୍ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଭେଟି ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଭୋଟଗ୍ରହଣର ୩ଦିନ ପୂର୍ବରୁ ଯାଜପୁର-ଭଦ୍ରକ ଜିଲ୍ଲାକୁ ସିଲ୍ କରିବା ସହ କେନ୍ଦ୍ରୀୟ ସୁରକ୍ଷା ବଳକୁ ସୀମାରେ ମୁତୟନ ଓ ସେମାନଙ୍କ ଦ୍ୱାରା ଯାଂଚ୍ କଡାକଡି କରିବାକୁ ଦାବି ଜଣାଇଛି ।ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ତଥ୍ୟପ୍ରମାଣ ସହ ୨ଜଣ ସରକାରୀ କର୍ମଚାରୀ ନିର୍ବାଚନ ନିୟମ ଉଲ୍ଲଙ୍ଘନ କରିଥିବା ନେଇ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି ଯେ, ପୂର୍ବରୁ ଏସ୍ ?ଏଚ୍‌ଜି ମହିଳା ଓ ସରକାରୀ କର୍ମଚାରୀମାନେ ଶାସକ ଦଳର ପ୍ରଚାର କରୁଥିବାର ଅଭିଯୋଗ ନେଇ ବିଜେପି ସିଇଓଙ୍କୁ ଅବଗତ କରିଥିଲା। ସେମାନଙ୍କ ବିରୋଧରେ କେବଳ ଏଫଆଇଆର୍ ଦେଇ ପ୍ରଶାସନ ଚୁପ୍ ବସିଛି । ସେମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଚାକିରୀରୁ ନିଲମ୍ବନ କରିନାହିଁ। ଏବେ ପୁଣି ଲଜ୍ୟାହୀନ ବିଜେଡି ସରକାରୀ ତହବିଲରୁ ଦରମାପ୍ରାପ୍ତ କର୍ମଚାରୀମାନଙ୍କୁ ଦଳୀୟ ପ୍ରଚାରରେ ଲଗାଇଛି। ଧାମନଗର ବ୍ଲକର ଗୋଠିଣା ଗାଁ ବୟାଙ୍ଗଡିହି ପଂଚାୟତର ଅନଙ୍ଗ ମଞ୍ଜରୀ ବେହେରା (ସିଆରପି) ଓ ମା'ଶାରଳା ଦେବୀ କଲେଜର କିରାଣୀ ନୃସିଂହ ଚରଣ ନନ୍ଦୀ ନିଜ ବେକରେ ବିଜୁ ଜନତା ଦଳର ଉତ୍ତରୀୟ ପକାଇବା ସହ ପୁସିଂକାର୍ଡ ଧରି ପ୍ରଚାର କରୁଥିବାର ଫଟୋର ପ୍ରମାଣ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦୁଇ ସରକାରୀ କର୍ମଚାରୀଙ୍କୁ ତୁରନ୍ତ ଚାକିରୀରୁ ବହିଷ୍କାର ଓ ସେମାନଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ପାଇଁ ସିଇଓଙ୍କ ନିକଟରେ ବିଜେପି ଦାବି କରିଛି ।ସେହିପରି ମିଶନଶକ୍ତିର ମା'ମାନଙ୍କୁ ଏବଂ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲଗାଇବା କେଉଁ 'ସମ୍ମାନ' ତାହା ରାଜ୍ୟ ସରକାରଙ୍କ ସ୍ପଷ୍ଟ କରନ୍ତୁ ବୋଲି ବିଜେପି ଦାବି କରିଛି । ଓଡିଶାବାସୀଙ୍କ ଟିକସ୍ ଅର୍ଥରୁ ମାସିକ ବେତନ ନେଇ ସରକାରୀ କର୍ମଚାରୀମାନେ ବିଜେଡିର ପ୍ରଚାର କରିବା କେତେଦୂର ଯଥାର୍ଥ ଏବଂ ଏହା ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରୁନାହିଁ କି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି । ଧାମନଗର ନିର୍ବାଚନ ମଣ୍ଡଳୀରେ ଭୋଟ ହାତେଇବା ପାଇଁ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାମାନେ କୁଚକ୍ରାନ୍ତ ଓ ହୀନ ରାଜନୀତି କରି ମତଦାତାଙ୍କୁ ଭ୍ରମିତ କରୁଛନ୍ତି । ଉପନିର୍ବାଚନ ହାରିବା ଭୟରେ ବିଜେଡି ବ୍ୟସ୍ତ ହୋଇ ପ୍ରଶାସନ କଳ,ବଳ ବ୍ୟବହାର କରିବା ସହ ସାଧାରଣ ଲୋକଙ୍କୁ ନାଲିଆଖି ଦେଖାଉଛି । ଏହି ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ସିଇଓଙ୍କ ନିକଟରେ ବିଜେପି ଦାବି କରିଛି । ଲେଖାଶ୍ରୀଙ୍କ ସହ ବିଜେପି ନେତ୍ରୀ ସୋନାଲି ସାହୁ, ବିଜେପି ରାଜ୍ୟ ମିଡିଆ ସେଲ୍ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଓ ଜୟନ୍ତ ଜେନା ସାମିଲ ଥିଲେ ।ସେହିପରି ବିଜେପି ମୁଖପାତ୍ର ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ମଣ୍ଡଳ ଆଜି ଭଦ୍ରକ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଭଦ୍ରକର ପାଖ ଜିଲ୍ଲା ଯାଜପୁରର ଶାସକ ଦଳର ନେତାମାନଙ୍କ ଦ୍ୱାରା ଧାମନଗରରେ ଉପନିର୍ବାଚନ ସମୟରେ ବୁଥ ଜବର ଦଖଲ, ଭୋଟରଙ୍କୁ ଭୟ ଦେଖାଇବା, ନିର୍ବାଚନ ପୂର୍ବ ଦିନ ଟଙ୍କା ବଂଟାଯିବା ଭଳି ଜଘନ୍ୟ ବେଆଇନ କରାଯିବାର ଆଶଙ୍କା ରହିଛି । ତେଣୁ ମତଦାନର ତିନି ଦିନ ପୂର୍ବରୁ ଯାଜପୁର-ଭଦ୍ରକ ଜିଲ୍ଲାର ସୀମାକୁ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଦ୍ୱାରା ସିଲ କରିବା ସହିତ ଅନ୍ୟ ସ୍ଥାନମାନଙ୍କରେ ଯାଂଚକୁ କଡାକଡି କରିବା ପାଇଁ ଆଜି ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ଦେଇଛନ୍ତି । ଶ୍ରୀ ମହାପାତ୍ରଙ୍କ ସହ ବିଜେପି ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଓ ଶ୍ରୀହର୍ଷ ସ୍ୱାଇଁ ଉପସ୍ଥିତ ଥିଲେ ।




### ଆରକେ ଶର୍ମା ରାଜସ୍ୱ ପର୍ଷଦ ସଦସ୍ୟ, ଦେଓରଞ୍ଜନ ଗୃହ ସଚିବ

ଭୁବନେଶ୍ୱର୨୯।୧୦(ପି.ଏନ): ରାଜ୍ୟ ସରକାର ଆଜି ବରିଷ୍ଠ ଆଇଏଏସସ୍ତରରେ ଅଦଳବଦଳ କରିଛନ୍ତି । ୧୯୮୭ ମସିହା ବ୍ୟାଚ୍ ଆଇଏଏସ୍ ଆର କେ ଶର୍ମାଙ୍କୁ ବୋର୍ଡ ଅଫ ରେଭନ୍ୟୁ ମେମ୍ବର(ରାଜସ୍ୱ ପର୍ଷଦ ସଦସ୍ୟ) ଭାବେ ଅବସ୍ଥାପିତ କରାଯାଇ ଥିବାବେଳେ ୧୯୯୩ ବ୍ୟାଚ୍ ଆଇଏଏସ୍ ଦେଓରଞ୍ଜନ ସିଂଙ୍କୁ ଗୃହ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ୨ଜଣ ବରିଷ୍ଠ ଆଇଏଏସ୍ ଜିଭିଭି ଶର୍ମା ଓ ମଧୁସୂଦନ ପାଢ଼ୀ ଆସନ୍ତା ୩୧ ତାରିଖରେ ସରକାରୀ ଚାକିରିରୁ ଅବସର ନେବେ ଓ ଗୃହ ସଚିବ ସଞ୍ଜିବ ଚୋପ୍ରା କେନ୍ଦ୍ରୀୟ ଡେପୁଟେସନରେ ଯିବେ। ଏଥିପାଇଁ ଆଜି ମୋଟ ୬ଜଣ ବରିଷ୍ଠ ଆଇଏଏସଙ୍କୁ ବିଭିନ୍ନ ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୮୭ ବ୍ୟାଚ୍ ଆଇଏଏସ୍ ତଥା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଡିଜି ଆରକେ ଶର୍ମାଙ୍କୁ ବୋର୍ଡ ଅଫ ରେଭନ୍ୟୁ ମେମ୍ବର ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଭାବେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଡିଜି ଦାୟିତ୍ୱ ମଧ୍ୟ ତୁଲାଇବେ । ଜିଭିଭି ଶର୍ମା ୩୧ ତାରିଖରେ ଅବସର ନେବାପରେ ସେ ବୋର୍ଡ ଅଫ ରେଭନ୍ୟୁର ମେମ୍ବର ଭାବେ କାର୍ଯ୍ୟ କରିବେ ।ସେହିପରି ୧୯୮୯ ବ୍ୟାଚ୍ ଆଇଏଏସ୍ ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କୁ କୃଷି ଉତ୍ପାଦନ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀ ଜେନା ଯୋଜନା ଓ ସଂଯୋଜନ ବିଭାଗର ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ସେହିପରି ୧୯୯୧ ବ୍ୟାଚ୍ ଆଇଏଏସ୍ ତଥା ରାଜସ୍ୱ ସଚିବ ସତ୍ୟବ୍ରତ ସାହୁଙ୍କୁ ଅତିରିକ୍ତ ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦାୟିତ୍ୱ ନ୍ୟସ୍ତ ହୋଇଛି ।

## ବ୍ୟାନର କାଢ଼ିବାରୁ ବିଜେପି-ବିଜେଡି କର୍ମୀ ହାତାହାତି



ଭଦ୍ରକ,୨୯।୧୦(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ପ୍ରଚାର ବେଳେ ବିଜେପି ଓ ବିଜେଡି କର୍ମୀ ହାତାହାତି। ଭଦ୍ରକ ଜିଲ୍ଲା ଧାମନଗର ଅନ୍ତର୍ଗତ ସୋହଡା ପଂଚାୟତର ଦଶନ୍ଧିକୂଳ ଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ବିଜେପି କର୍ମୀମାନେ ଅପେକ୍ଷା କରିଥିବା ବେଳେ ପୁଲିସ ଓ ନିର୍ବାଚନ କାମରେ ନିୟୋଜିତ ଅଧିକାରୀ ସରକାରୀ ଜାଗାରେ ଲାଗିଥିବା ଏକ ଦଳୀୟ ପତାକା ଏବଂ ବ୍ୟାନର ଖୋଲୁଥିଲେ। ଏହି ସମୟରେ ବିଜେଡି ଓ ବିଜେପି କର୍ମୀ ହାତାହାତି ହୋଇଥିଲେ। ଏଥିସହ ପରସ୍ପରକୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତ?ଜନା ସୃଷ୍ଟି ହୋଇଛି ।ଏନେଇ ନିର୍ବାଚନ କାମରେ ମୁତୟନ ଫ୍ଲାଇଂ ସ୍କ୍ୱାଡ୍ ହେଡ୍ ସମ୍ବିତ୍ କୁମାର ସିଅଳ କହିଛନ୍ତି, ଏହି ସ୍ଥାନରେ ଆଦର୍ଶ ଆଚରଣବିଧିକୁ ଉଲ୍ଲଂଘନ କରି ପୋଷ୍ଟର, ବ୍ୟାନର ମରାଯାଇଥିବା ନେଇ ଅଲୋକ ସେଠୀ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ। ଏହାକୁ ତଦନ୍ତ କରିବାକୁ ସେମାନେ ଆସିଥିଲେ। ସରକାରୀ ସ୍ଥାନରେ ଅନୁମତି ନେଇ ବ୍ୟାନର, ପୋଷ୍ଟର ଲଗାଇ ହେବ। ବେସରକାରୀ ସ୍ଥାନ ନେଇ କୌଣସି ନିର୍ଦ୍ଦେଶ ନାହିଁ। ତେଣୁ ଏହା ନିୟମ ମୁତାବକ ଲାଗିଛି ନା ନାହିଁ ସେ ତାହା ଦେଖିବାକୁ ଆସିଥିଲେ। ଏହି ସମୟରେ ଉତ୍ତ?ଜନା ଦେଖାଦେଇଥିଲା। ଏହାଛଡା ଏହି ସମୟରେ ରାଲି ହେଉଥିବା ନେଇ ତାଙ୍କ ପାଖରେ କୌଣସି ସୂଚନା ନ ଥିଲା ବୋଲି ଶ୍ରୀ ସିଅଳ କହିଛନ୍ତି ।ଅନ୍ୟପଟେ ଧାମନଗର ନିର୍ବାଚନ ନେଇ ଜମୁଛି ପ୍ରଚାର। ଉଠୁଛି ପଡୁଛି ଧାମନଗର। ହେଭିୱେଟ ନେତା, ଗଦା ଗଦା ପ୍ରତିଶ୍ରୁତି ଦେଇ ଭୋଟ୍ ମାଗୁଛନ୍ତି। ମଇଦାନରେ ଥିବା ୪ ପ୍ରମୁଖ ପ୍ରାର୍ଥୀ ନିଜ ନିଜ ଅନ୍ଦାଜରେ ପ୍ରଚାର କରୁଛନ୍ତି। ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ଲାଗି ଆଜି ମଧ ପ୍ରଚାରକୁ ଓହ୍ଲାଇଛନ୍ତି ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହ ବହୁ ହେଭିୱେଟ୍ ନେତା। ସେହିପରି ବିଜେଡି ପ୍ରାର୍ଥୀ ଅବନ୍ତି ଦାଶଙ୍କ ପାଇଁ ମଧ ଦଳର ପ୍ରମୁଖ ନେତା ଓ କର୍ମୀ ଜୋରସୋରରେ ପ୍ରଚାର କରିଛନ୍ତି ।କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ପକ୍ଷରୁ ମଧ ଦଳୀୟ କର୍ମୀ ପ୍ରଚାର କରିଛନ୍ତି। ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟ ମାଗୁଛନ୍ତି ପ୍ରାର୍ଥୀ। ସେହିପରି ସ୍ୱାଧୀନ ପ୍ରାର୍ଥୀ ରାଜୁ ଦାଶ ନିଜ ସମର୍ଥକଙ୍କ ଗହଣରେ ତିହିଡି ବ୍ଲକର ବିଭିନ୍ନ ସ୍ଥାନରେ ରୋଡ୍ ସୋ କରି ପ୍ରଚାର କରିଥିଲେ ।ସେପଟେ ପ୍ରଚାର ବେଳେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ଟାର୍ଗେଟ କରଛନ୍ତି ବିଜେଡି ବିଧାୟକ ବ୍ୟୋମକେଶ ରାୟ। ସେ କହିଛନ୍ତି, ବିଜେପି ଫଣ୍ଡିଂରେ ସେ ପ୍ରାର୍ଥୀ ହୋଇଛନ୍ତି। ରାଜେନ୍ଦ୍ରକୁ ଭୋଟ ଦେବା ମାନେ ବିଜେପି ଭୋଟ ଦେବା। ରାଜେନ୍ଦ୍ରଙ୍କ ସହ ଲୋକ ନାହାନ୍ତି, ଏଣୁ ଭୋଟ ବିଭାଜନ ହେବ ନାହିଁ ଓ ବିଜେଡି ହିଁ ବାଜିମାରିବ ବୋଲି ସେ ଦୃଢୋକ୍ତି ଦେଖାଇଛନ୍ତି।

## ମନ୍ତ୍ରୀ ସମୀର ଦାଶଙ୍କ ବହିଷ୍କାର ଦାବି: ମୁଖ୍ୟମନ୍ତ୍ରୀ ଓ ଗୃହ ମନ୍ତ୍ରୀଙ୍କ ବାସଭବନ ଘେରାଉ କଲା କଂଗ୍ରେସ

ଭୁବନେଶ୍ୱର୨୯।୧୦(ପି.ଏନ): ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କୁ ତୁରନ୍ତ ବହିଷ୍କାର ଓ ଗିରଫ ଦାବିରେ ଆଜି ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହାସହିତ ଛାତ୍ର କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ନବୀନ ନିବାସ ବାସଭବନକୁ ଘେରାଉ କରିବା ପାଇଁ ପ୍ରୟାସ କରିଥିବାବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସରକାରୀ ବାସଭବନରେ ଧସେଇ ପଶିଥିଲେ । ଅନ୍ୟପକ୍ଷରେ ବିଜେପି ମଧ ସମାନ ପ୍ରସଙ୍ଗରେ ଆସନ୍ତା ୩୧ତାରିଖରେ ନବୀନ ନିବାସ ଘେରାଉ କରିବ ବୋଲି ସୂଚନା ଦେଇଛି ।ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା, ନେତୃମଣ୍ଡଳୀ ଓ କର୍ମୀମାନେ ଶିଶୁଭବନ ଛକଠାରୁ ଏକ ରାଲିରେ ଫରେଷ୍ଟପାର୍କ ବାଟଦେଇ ନବୀନ ନିବାସ ଆଡକୁ ଯିବା ସମୟରେ ପୁଲିସ ସେମାନଙ୍କୁ ଅଟକାଇଥିଲା । ଏୟାରପୋର୍ଟ ଛକ ନିକଟରେ ପୁଲିସ ବ୍ୟାରିକେଡ୍ କରି ଅଟକାଇବାରୁ ପୁଲିସ୍ ସହ କଂଗ୍ରେସ କର୍ମୀମାନଙ୍କର ପ୍ରାୟ ୨ଘଣ୍ଟା ଧରି ଧସ୍ତାଧସ୍ତି ହୋଇଥିଲା । ଏପରିକି ପୁଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ ହୋଇଥିବା ଦେଖିବାକୁ ମିଳିଛି । ଏଥିରେ ବହୁ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଆହତ ହୋଇଛନ୍ତି । ଛାତ୍ର କଂଗ୍ରେସ ସଭାପତି ୟାସରି ନୱାଜ ଓ ଅନ୍ୟ ନେତୃମଣ୍ଡଳୀଙ୍କୁ ପୁଲିସ ଅଟକ ରଖିଥିଲା । ଧର୍ମେନ୍ଦ୍ର ସାହୁ ମୃତ୍ୟୁ ତଦନ୍ତରେ ଅସନ୍ତୁଷ୍ଟ ଓ ମନ୍ତ୍ରୀ ସମୀର ଦାଶଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ ପାଇଁ ଉଦ୍ୟମ ହୋଇଥିଲା ।ଏହି ଅବସରରେ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳଙ୍କିତ ଗଣଶିକ୍ଷାମନ୍ତ୍ରୀ ସମୀର ଦାସଙ୍କୁ ସୁରକ୍ଷା ଦେଉଛନ୍ତି । ଏହି ରାଜ୍ୟର ଛାତ୍ର ସମାଜକୁ ଏଭଳି ଜଣେ ନିନ୍ଦିତ ଶିକ୍ଷାମନ୍ତ୍ରୀ କି ଦିଗଦର୍ଶନ ଦେବେ । ଏ ରାଜ୍ୟର ଅଭିଭାବକ, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ ଏଭଳି ଜଣେ ଶିକ୍ଷାମନ୍ତ୍ରୀଙ୍କୁ ଆଉ ଦିନଟିଏ ତାଙ୍କ ପଦବୀରେ ରହିବାକୁ ବରଦାସ୍ତ କରୁନାହାନ୍ତି । ମାତ୍ର ପ୍ରଶାସନକୁ କୁପଥଗାମୀ କରିଥିବା ମୁଖ୍ୟମନ୍ତ୍ରୀ ନିଜେ ମନ୍ତ୍ରୀ ସମୀର ଦାଶଙ୍କୁ ଘଂଟ ଘୋଡାଇ ରଖିଛନ୍ତି । ଏବେ ପୋଲିସ ହାତରେ ମୋବାଇଲ ଥିବାରୁ ଏହାର ପ୍ରମାଣ ନଷ୍ଟ କରିବାପାଇଁ ପୋଲିସ ଚକ୍ରାନ୍ତ କରୁଛି । ପୂର୍ବରୁ ରୁଚିକା ମହାନ୍ତି,ମମିତା ମେହେର ଘଟଣାରେ ପୋଲିସ ମୋବାଇଲର ତଥ୍ୟକୁ ଉପସ୍ଥାପନ କରିନାହାନ୍ତି । ୨୨ ବର୍ଷ ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଦଳର ଅପରାଧି ମନ୍ତ୍ରୀ ଓ ବିଧାୟକ ମାନଙ୍କୁ ସୁରକ୍ଷା ଦେଇଆସିଛନ୍ତି ବୋଲି ସେ କହିଛନ୍ତି ।

## ୧୬ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଓଡ଼ିଶୀ ନୃତ୍ୟ ସହିତ କୁଚିପୁଡ଼ି ନୃତ୍ୟରେ ଦର୍ଶକ ବିଭୋର



ଭୁବନେଶ୍ୱର ,୨୯।୧୦(ପି.ଏନ): ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆୟୋଜିତ ୧୬ତମ ଗୁରୁଦେବପ୍ରସାଦ ପୁରସ୍କାର ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଓଡ଼ିଶୀ ଦଳଗତ, ଦୈତ୍ୟ ଓ ଏକକ ନୃତ୍ୟ ସହିତକୁଚିପୁଡ଼ି ନୃତ୍ୟର ଏକ ସୁନ୍ଦର ମିଶ୍ରଣ ରବୀନ୍ଦ୍ରମଣ୍ଡପରେ ଦେଖିବାକୁ ମିଳିଥିଲା ।ଦ୍ୱିତୀୟ ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଜାପାନରୁ ଆସିଥିବାଓଡ଼ିଶୀ ନୃତ୍ୟଶିଳ୍ପୀ ଆୟାକସକିନା ଓ ମୁଙ୍କ ଦ୍ୱାରା ଦୈତ୍ୟ ଓଡ଼ିଶୀ ନୃତ୍ୟ ।ସେମାନଙ୍କର ପ୍ରସ୍ତୁତିରେ ଥିଲାବସ' ପଲ୍ଲବୀ ଯାହାର ନୃତ୍ୟ ସଂରଚନାକରିଥିଲେ ଗୁରୁକେଲୁ ଚରଣ ମହାପାତ୍ର ପରେ ପରେ ଜାପାନରହାନା ମୋମିୟାୟୁମି କୋଚଟନୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ। ତାଙ୍କ ପ୍ରସ୍ତୁତିରେ ଥିଲା ଗୀତଗୋବିନ୍ଦରୁ ଉଦ୍ଧୃତଅଷ୍ଟପଦୀ କୁରୁ ଯଦୁ ନନ୍ଦନ ଯାହାରସଙ୍ଗୀତ ସଂଯୋଜନା ପଣ୍ଡିତଭୁବନେଶ୍ୱର ମିଶ୍ରଏବଂ ନୃତ୍ୟ ସଂରଚନାଗୁରୁକେଲୁ ଚରଣମହାପାତ୍ର କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଦୀପିକାରେଡ୍ଡୀଙ୍କ ଦ୍ୱାରାଦଳଗତକୁଚିପୁଡ଼ି ନୃତ୍ୟ ।ସେମାନଙ୍କର ପ୍ରଥମ ଉପସ୍ଥାପନ ଥିଲାକୁଚିପୁଡ଼ି ବନ୍ଦନା ଯାହାରାରାଗରାଗ ମାଳିକା ଓ ତାଳତାଳମାଳିକାଉପରେ ନିବଦ୍ଧ ଥିଲା । ଏହା ଏକ ପାରମ୍ପରିକ କୁଚିପୁଡ଼ି ନୃତ୍ୟ ଶୈଳୀ ଯାହା ଏକ ଫୁଲରମାଳ ସଦୃଶଏକତ୍ରିତହୋଇଥାଏ । ପରେ ପରେସେମାନଙ୍କ ପ୍ରସ୍ତୁତିରେ ଥିଲାଭଗବାନ ଗଣେଶଙ୍କ ଆହ୍ୱାନ ଯାହାରସ୍ମରଣଦ୍ୱାରାସମସ୍ତଙ୍କରବାଧାବିଘ୍ନ ଦୂରହୋଇଥାଏ । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲାଜୌତିର୍ଶମଏବଂଶେଷ ଉପସ୍ଥାପନଟି ଥିଲାଗୋଟିଏ ପିତଳ ଥାଳିଉପରେକୁଚିପୁଡ଼ି ନୃତ୍ୟ ପରିବେଷଣ ଯାହାକୁ ଦର୍ଶକମନ ଭରି ଉପଭୋଗକରିଥିଲେ ଓ ପ୍ରଶଂସା ମଧ କରିଥିଲେ । ସମସ୍ତ ନୃତ୍ୟରସଂରଚନା ନିଜେ ଦୀପିକାରେଡ୍ଡୀ ଏବଂ ସଙ୍ଗୀତସଂଯୋଜନା ଡ଼ି.ଏସ୍.ଭିଶାସ୍ତ୍ରୀ କରିଥିଲେ । ପରବର୍ତ୍ତୀ ପରିବେଷଣଟି ଥିଲାଗୁରୁ ଦେବପ୍ରସାଦ ଦାସଙ୍କ ନାତୁଣୀବାଗ୍ମିଶ୍ରୀ ଦାସଙ୍କ ଦ୍ୱାରାଓଡ଼ିଶୀ ଏକକ ନୃତ୍ୟ । ତାଙ୍କ ପ୍ରସ୍ତୁତିରେ ଥିଲାକବିଭାଗିରଥୀଙ୍କରଚନାମିନ ନୟନାକ୍ଷିଣ ହେବନିମୋବିନା ଯାହାର ନୃତ୍ୟ ସଂରଚନା କରିଥିଲେଗୁରୁଗଜେନ୍ଦ୍ର ପଣ୍ଡା ପରେ ପରେ ପରିବେସିତ ହୋଇଥିଲାଲିଟି ମନିଷାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ । ତାଙ୍କ ପ୍ରସ୍ତୁତିଟି ଥିଲାମହାନାଟକକାବ୍ୟରୁଉଦ୍ଧୃତ ନବରଶ ଯାହାରାଗମାଳିକା ଓ ତାଳମାଳିକା ଉପରେ ନିବଦ୍ଧ ଥିଲା ଯାହାର ନୃତ୍ୟ ସଂଯୋଜନା କରିଥିଲେଗୁରୁଗଜେନ୍ଦ୍ର ପଣ୍ଡା ।ସଂଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଥିଲାକଟକ କଳାବିକାଶ କେନ୍ଦ୍ରଶିଳ୍ପୀମାନଙ୍କ ଦ୍ୱାରାଓଡ଼ିଶୀ ନୃତ୍ୟପରିବେଷଣ । ସେମାନେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରାଲିଖିତ ଅଭିନୟବିଘ୍ନବିନାଶନ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କରଙ୍କ ସଂଗୀତ, ଗୁରୁ ଧନେଶ୍ୱରସ୍ୱାଇଁଙ୍କ ସଂଗୀତ ସଂଯୋଜନା ଏବଂ ଗୁରୁଗଜେନ୍ଦ୍ର କୁମାର ପଣ୍ଡାଙ୍କ ନୃତ୍ୟ ସଂରଚନାରେ ଉପସ୍ଥାପିତ ହୋଇଥିଲା । ମାତା ପାର୍ବତୀଙ୍କ ବଚନ ରକ୍ଷା ପୂର୍ବକ ଗଣେଶ ନିଜ ପିତାଙ୍କସହିତ ଯୁଦ୍ଧ କରି ପ୍ରାଣହରାଇବା ଓ ପରେ ହାତିଛୁଆର ଶିରଲଗାଇଶିବଙ୍କ ଦ୍ୱାରା ପୁର୍ନଜନ୍ମ ପାଇବାକୁ ନୃତ୍ୟନାଟିକାମାଧମରେ କଳାବିକାଶକେନ୍ଦ୍ରଶିଳ୍ପୀମାନେ ସୁନ୍ଦରଭାବରେ ପରିବେଶଣକରିଥିଲେ ।ଦ୍ୱିତୀୟସଂଧ୍ୟାର ଅତିଥିମାନେ ଥିଲେବିଶିଷ୍ଟକୁଚିପୁଡ଼ି ନୃତ୍ୟାଙ୍ଗନା ଦୀପିକାରେଡ୍ଡୀ; ପାରାଦୀପ ଫସଫେଟଲିମିଟେଡ଼ର ଅଧିକାରୀସୁଧିରନ ମିଶ୍ର; ବିଶିଷ୍ଟ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍; ଗୁରୁ ଦେବପ୍ରସାଦ ଦାସଙ୍କସୁପୁତ୍ରଶୁଭେନ୍ଦୁ ଦାସ ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁଗଜେନ୍ଦ୍ର କୁମାର ପଣ୍ଡା । କାର୍ଯ୍ୟକ୍ରମକ ସଂଚାଳନା କରିଥିଲେଡ଼. ଶ୍ରୀନିବାସଘଟୁଆରୀ ।

## ରାଜଧାନୀରେ ଗର୍ଜିଲା ଛାତ୍ର କଂଗ୍ରେସ : ମନ୍ତ୍ରୀ ତୁଷାରକାନ୍ତିଙ୍କ ବାସଭବନରେ ପଶିଲେ ଆନ୍ଦୋଳନକାରୀ

ଭୁବନେଶ୍ୱର,୨୯।୧୦(ପି.ଏନ): ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ଗଣଶିକ୍ଷାମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଶନିବାର ଦିନ ରାଜଧାନୀରେ ଗର୍ଜିଛି ଛାତ୍ର କଂଗ୍ରେସ। ପ୍ରଥମେ ନବୀନ ନିବାସ ଘେରାଉ କରିବାକୁ ଯାଇ ବିଫଳ ହେବା ପରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସରକାରୀ ବାସଭବନରେ ଧସେଇ ପଶିଛନ୍ତି। ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଓ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ ହେଁ ସେମାନଙ୍କୁ ଚକମା ଦେଇ ମନ୍ତ୍ରୀଙ୍କ ଘର ଭିତରେ କଂଗ୍ରେସ କର୍ମୀମାନେ ପଶିଯାଇଥିଲେ। ଏପରିକି ମନ୍ତ୍ରୀଙ୍କ ଘର ଉପରକୁ ଅଣ୍ଡାମାଡ ମଧ୍ୟ କରିଥିଲେ। ବିକ୍ଷୋଭରେ ସାମିଲ ଛାତ୍ର କଂଗ୍ରେସ କର୍ମୀମାନେ କହିଛନ୍ତି, ଯଦି ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ର ମନ୍ତ୍ରୀ ଦାବି ନ ମାନିବେ, ତେବେ ଆଗକୁ ସମସ୍ତ ମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ କରାଯିବ ।ଶନିବାର ଦିନ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ବହିଷ୍କାର ଏବଂ ଗିରଫ ଦାବିରେ ନବୀନ ନିବାସ ଘେରାଉ କରାଯାଇଥିଲା। ପ୍ରଥମେ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଶିଶୁଭବନ ଛକଠାରୁ ଏକ ର୍ୟାଲିରେ ଯାଇ ଫରେଷ୍ଟପାର୍କ ବାଟଦେଇ ନବୀନ ନିବାସ ଆଡ଼କୁ ଅଗ୍ରସର ହୋଇଥିଲେ। ଏୟାରପୋର୍ଟ ଛକଠାରେ ଛାତ୍ର କଂଗ୍ରେସର କର୍ମୀମାନେ ଫରେଷ୍ଟ ପାର୍କ ପଟୁ ଏବଂ ଶିଶୁଭବନ ରାସ୍ତା ପଟୁ ନବୀନ ନିବାସ ଆଡ଼କୁ ଅଗ୍ରସର ହେବାବେଳେ ପୋଲିସ ସହ ଦୁଇଘଂଟା କାଳ ଧସ୍ତାଧସ୍ତି ହୋଇଛନ୍ତି। ଏଥିରେ ବହୁ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଆହତ ହୋଇଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସରି ନୱାଜ ଓ ଅନ୍ୟ ନେତୃମଣ୍ଡଳୀଙ୍କୁ ପୋଲିସ ଅଟକ ରଖିଛି। ଏହାପରେ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ଚୁପ ବସିଥିବା ପୁରୀ ଜିଲ୍ଲାର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କ ଲୋୟର ପିଏମଜି ସ୍ଥିତ ସରକାରୀ ବାସଭବନକୁ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଘେରାଉ କରିଥିଲେ। ଏହି ଘେରାଉ ସମୟରେ ପୋଲିସ ସହ ପ୍ରବଳ ଧସ୍ତାଧସ୍ତି ହୋଇଥିଲା ।ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏବଂ ପଡ଼ୋଶୀ ନିର୍ବାଚନ ମଣ୍ଡଳୀରେ ଏଭଳି ଜଘନ୍ୟ ଅପରାଧ ଘଟିଥିବାବେଳେ ସେ ଚୁପ ବସିଛନ୍ତି। ଆଇନ ସମସ୍ତଙ୍କ ପାଇଁ ଗୋଟିଏ ଥିବା ବେଳେ ସମୀର ଦାସ କାହିଁକି ଛାଡ଼ ପାଇବେ। ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାର ରହସ୍ୟକୁ ଗୃହ ବିଭାଗ ଚପେଇ ଦେଉଥିବା ବେଳେ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ କରୁଛନ୍ତି କ'ଣ ବୋଲି ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜତ ଚୌଧୁରୀ, ଶିବାନନ୍ଦ ରାୟ, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମନୋଜ ଜେନା, ମନୋଜ ବିଶ୍ୱାଳ, କିରଣ ସାହୁ, ଅମରେଶ ପରିଡ଼ା, ଅନୁପମ କୁହଁର ଓ ପବିତ୍ର ହରିଜନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆରଡବ୍ଲୁଏସ୍ଏସ୍ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସ ଗିରଫ

ଭୁବନେଶ୍ୱର, ୨୯।୧୦(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲୁଏସ୍ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସ ଗିରଫ ହୋଇଛନ୍ତି। ଗତକାଲିଠାରୁ ତାଙ୍କୁ ଅଟକ ରଖାଯାଇଥିଲା। ଏହି ମାମଲାରେ ଭିଜିଲାନ୍ସ ଏସ୍‌ପି ଅନୁପମା ଜେମ୍ସ କହିଛନ୍ତି ଯେ, ୩.୯୬ କୋଟି ଟଙ୍କା ଆୟ ବହିର୍ଭୂତ ସମ୍ପତି ଠାବ ହୋଇଛି। ଅର୍ଥାତ ଶ୍ରୀ ଦାସଙ୍କର ଆୟ ଠାରୁ ୨୭୫ ପ୍ରତିଶତ ଅଧିକ ସମ୍ପତି ମିଳିଛି। ମୁଖ୍ୟଯନ୍ତ୍ରୀ ଶ୍ରୀ ଦାସଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ। ସଂପୃକ୍ତ ବ୍ୟକ୍ତିମାନଙ୍କୁ ମଧ ତଦନ୍ତର ପରିସରଭୁକ୍ତ କରାଯାଇଛି। ଅନୈତିକ ଭାବେ କ୍ରିପ୍ଟୋ କରେନ୍ସିର ଲିଙ୍କ ରହିଛି। ଟିଏଲସି ଅଲ୍ଟିମାର ୩୮ ଟି ୱାଲେଟରୁ ମିଳିଛି ୧.୭୫ କୋଟି ଟଙ୍କା। ଟିଏଲସି ଅଲ୍ଟିମା ହେଉଛି ଏକ ବ୍ରିଟେନ୍‌ର କମ୍ପାନି। ନିହାରଙ୍କ ସମସ୍ତ ବ୍ୟାଙ୍କକୁ ସମସ୍ତ ଆକାଉଂଟ ସିଜ୍ କରିବାକୁ ଚିଠି ଲେଖାଯାଇଛି।










## ଟି ଟାଇମ୍

### ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ହିନ୍ଦୀ ପାଇଁ ଗାର୍ଡିଆନର ଗାତ୍ରଦାହ

ସୌମେନ୍ଦ୍ର ଜେନା



**ଦେ**ଶବାସୀ ଭିନ୍ନ ଭାଷାଭାଷୀ ହୋଇଥିବାରୁ ଦେଶର ସବୁ ଶିକ୍ଷା କେବଳ ଇଂରାଜୀରେ ନୁହେଁ ଆଞ୍ଚଳିକ ଭାଷାରେ ହେବାର ବ୍ୟବସ୍ଥା କରାଗଲେ ଅଧିକରୁ ଅଧିକ ଲୋକେ ସଚେତନ ହେବେ, ଶିକ୍ଷା ପାଉଥିବା ପିଲାମାନେ ଭାଷାଗତ ଅସୁବିଧାରୁ ରକ୍ଷା ପାଇବା ସହ ନିଜ ଭାଷାରେ ଲୋକଙ୍କୁ ବୁଝାଇବା ସହଜ ହେବ । ଏପରିକି ଡାକ୍ତରଙ୍କ ଔଷଧ ବିଷୟରେ ଜାଣିବା ସାଧାରଣ ବ୍ୟକ୍ତି ପାଇଁ ସହଜ ହେବ ବୋଲି ଯୁକ୍ତି ଦର୍ଶାଇ ଚଳିତବର୍ଷରୁ ଏଥିପାଇଁ ପଦକ୍ଷେପ ନେବା ଆରମ୍ଭ ହୋଇଛି । ନିକଟରେ ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟରେ ହିନ୍ଦୀ ଭାଷାରେ ଡାକ୍ତରୀ ଶିକ୍ଷା ପ୍ରଦାନ କରାଯିବାକୁ ଘୋଷଣା କରିବା ପରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡର ସରକାର ମଧ୍ୟ ନିଜ ରାଜ୍ୟରେ ଖୁବ୍ ଶିଘ୍ର ହିନ୍ଦୀରେ ଡାକ୍ତରୀ ଶିକ୍ଷା ପ୍ରଚଳନ କରିବେ ବୋଲି ଘୋଷଣା କରିସାରିଲେଣି । ଠିକ୍ ଏହି ସମୟରେ ୨୨ ଅକ୍ଟୋବର ୨୦୨୨ରେ ବ୍ରିଟେନର "ଦି ଗାର୍ଡିଆନ" ସମ୍ବାଦପତ୍ରରେ ନୂଆଦିଲ୍ଲୀର ଅମ୍ରିତ ଧିଲୋଁଙ୍କ ଦ୍ୱାରା ଲିଖିତ ଲେଖାଟି ଦେଖିବାର ସୁଯୋଗ ମିଳିଲା । ଏଥିରେ ଭାରତୀୟ ଭାଷାରେ ଚିକିତ୍ସା ଶାସ୍ତ୍ରର ପଠନ ଇଂରାଜୀ ବିନା ସମ୍ଭବ ନୁହେଁ ବୋଲି ପ୍ରତ୍ୟୟ କରିବା ପାଇଁ ଯୁକ୍ତି ଦର୍ଶାଯାଇ ଯେପରି ଇଂରେଜ ଶାସନକାଳର ନାମ ପରିବର୍ତ୍ତନକୁ ଆଣି ଯୋଡାଯାଇଛି ତାହା ଏହି ସମ୍ବାଦପତ୍ରର ଗାତ୍ରଦାହୀ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି । ଏଥିରୁ ପ୍ରକୃତରେ କିପରି ଆମେରିକା ଏବଂ ୟୁରୋପର କ୍ଷତି ହେବ ତାହା ମଧ୍ୟ ବେଶ୍ ଜଣାପଡିଲାଣି ।

ଏଥିରେ କୁହାଯାଇଛି ଯେ ଗତ ଆଠବର୍ଷ ହେଲା ସରକାରକୁ ଆସିବା ପରଠାରୁ ନରେନ୍ଦ୍ର ମୋଦି, ଅମିତ ଶାହ ଏବଂ ଅନ୍ୟ ଭାରତୀୟ ଜନତାପାର୍ଟି ନେତାମାନେ ଉତ୍ତର ଭାରତର ଭାଷା ହିନ୍ଦୀ ସପକ୍ଷରେ କହିଆସୁଛନ୍ତି । ତେବେ ଆଜି ହିନ୍ଦୀ କେବଳ ଉତ୍ତର ଭାରତର ଭାଷା ଭାବେ ସୀମିତ ନରହି ଭାରତର ରାଷ୍ଟ୍ରଭାଷା ମାନ୍ୟତା ଲାଭ କରିଛି । ତେଣୁ ଦେଶର ହିନ୍ଦୀ ସିନେମା ଉତ୍ତର ଭାରତରେ ନିର୍ମିତ ନହୋଇ ପଶ୍ଚିମ ଭାରତର ମହାରାଷ୍ଟ୍ରରେ ହୋଇଆସୁଛି । ବଲିଉଡର କେନ୍ଦ୍ର ନୂଆଦିଲ୍ଲୀ, ଲକ୍ଷ୍ନୌ, ଭୋପାଳ ନ ହୋଇ ମୁମ୍ବାଇ ରହିଆସିଛି । ବଲିଉଡର ସିନେମାରେ ପାକିସ୍ତାନୀ ମୂଳର ଶାହରୁଖ ଖାଁଙ୍କଠାରୁ ଆଫଗାନୀ ପାସ୍ତୁନ ଆମଜାଦ୍ ଖାଁଙ୍କ ପର୍ଯ୍ୟନ୍ତ ଅନେକ ବିଦେଶୀ ମୂଳର କଳାକାର ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି । ବଲିଉଡର ଏହି ସଫଳତା ଭାରତ ଭିତରେ ସୀମିତ ନରହି ବିଶ୍ୱବ୍ୟାପି ହୋଇଛି । ଭାରତ ବାହାରେ ପୃଥିବୀର ଅନେକ ଦେଶର ଲୋକେ ବଲିଉଡ ସିନେମା ଦେଖି ହିନ୍ଦୀକୁ ବୁଝିବା ପାଇଁ ସକ୍ଷମ ହୋଇଛନ୍ତି । କେନ୍ଦ୍ର ଏସିଆ, ମଧ୍ୟପ୍ରାଚ୍ୟ ଏସିଆ, ୟୁରୋପ ଠାରୁ ଆଫ୍ରିକା ପର୍ଯ୍ୟନ୍ତ ବଲିଉଡର ପ୍ରଭାବ ରହିଛି । ଏକଶହରୁ ଅଧିକ ଦେଶରେ ଆଜି ହିନ୍ଦୀ ଭାଷା ଶିକ୍ଷା ଦିଆଯାଉଛି । ବିଶ୍ୱବିଦ୍ୟାଳୟଗୁଡିକରେ ହିନ୍ଦୀ ଗବେଷଣା ପାଇଁ ଡିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି । ଆଜି ହିନ୍ଦୀ ଭାରତର ରାଷ୍ଟ୍ରଭାଷାରୁ ବିଶ୍ୱର ଭାଷା ହେବା ଦିଗରେ ଆଗେଇ ଚାଲିଛି । ଏହି ସଫଳତାକୁ ଦେଖି ଯଦି ଦେଶର ପ୍ରଧାନମନ୍ତ୍ରୀ ଭାରତୀୟମାନଙ୍କୁ ବିଦେଶୀ ଶାସିତ ବା ଉପନିବେଶକାରୀ ମାନସିକତା ମଧ୍ୟରୁ ମୁକ୍ତି ପାଇବାକୁ ଆହ୍ୱାନ ଦେଉଛନ୍ତି ତାହା ଦେଶ ଜନତାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବୋଲି ଗ୍ରହଣ କରାଯିବ । କାରଣ ଦେଶରେ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଶାସନ, ପ୍ରଶାସନ, ବିଚାର ଆଦି ହିନ୍ଦୀ କିମ୍ବା ସ୍ଥାନୀୟ ଭାଷାରେ ସବୁଠି ନହୋଇ ଇଂରାଜୀ ମାଧ୍ୟମରେ ହେବା ଦ୍ୱାରା ପ୍ରଶାସନିକ କଳର ଫାଇଲଠାରୁ ଆରମ୍ଭ କରି ଓକିଲଙ୍କ ଫାଇଲ ପର୍ଯ୍ୟନ୍ତ ସାଧାରଣ ଲୋକେ ବୁଝିବା ସମ୍ଭବପର ହୋଇପାରିନାହିଁ । ଯେଉଁଥିପାଇଁ ସାଧାରଣ ଲୋକେ ଠିକଣା ଭାବରେ ନ୍ୟାୟ ପାଇବା କଷ୍ଟକର ହୋଇଛି । ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ସବୁକିଛି ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବାଲାଗି ପ୍ରୟାସ ଜାରି ରଖିଛନ୍ତି । କେବଳ ସ୍ୱଚ୍ଛଳବର୍ଗ, ଶିକ୍ଷିତବର୍ଗ, ଧନୀବର୍ଗ ନୁହଁନ୍ତି ସାଧାରଣ ଗରିବବର୍ଗର ଲୋକେ କିପରି ଦେଶର ବ୍ୟବସ୍ଥାରେ ଅଂଶୀଦାର ହେବେ ସେଥିପାଇଁ ସରକାରଙ୍କ ଉଦ୍ୟମ ଜାରିରହିଛି । ଏହା ବ୍ୟବସ୍ଥା ପରିବର୍ତ୍ତନର ସଫଳତମ ଅଧ୍ୟାୟ, ବ୍ୟବସ୍ଥାକୁ ଭାରତମୁଖୀ କରାଇବା ଏହାର ଉଦ୍ଦେଶ୍ୟ ।

ଚଳିତ ମାସ ମହାରାଷ୍ଟ୍ରର ସରକାର "ହେଲୋ" ବଦଳରେ ସରକାରୀ କର୍ମଚାରୀ "ବନ୍ଦେ ମାତରମ୍" କହି ସ୍ୱାଗତ କରିବାକୁ କହିଛନ୍ତି । ଗଣତନ୍ତ୍ର ଦିବସ ପରେଡର ବାଦ୍ୟଧ୍ୱନ ମଧ୍ୟରୁ ବ୍ରିଟିସକାଳର "ଏବାଇଡ ଓ୍ୱିଥ୍ ମି"କୁ ହଟାଇ ଦିଆଯାଇଛି । ନୌସେନା ବାହିନୀର ପତାକାରୁ ଇଂରେଜକାଳର କ୍ରୁସ ଚିହ୍ନକୁ ବାଦ୍ ଦିଆଯାଇଛି । ଦେଶର ଅନେକ ସ୍ଥାନ, ସଡକ, ଷ୍ଟେସନ, ଅନୁଷ୍ଠାନଗୁଡିକର ନାମକୁ ବଦଳାଯାଇଛି ।

"ଦି ଗାର୍ଡିଆନ୍" କହିବାନୁସାରେ ଯେଉଁପରି ଭାରତର ଡାକ୍ତରମାନେ ବିଦେଶରେ ୟୁରୋପ, ଆମେରିକା, ମଧ୍ୟପ୍ରାଚ୍ୟ, ଏସିଆରେ ନିଯୁକ୍ତି ପାଉଥିଲେ ସେଭଳି ଆଉ ପାଇପାରିବେ ନାହିଁ । ଏହା ଫଳରେ ସେମାନେ କ୍ଷତିଗ୍ରସ୍ତ ହେବେ । ଗାର୍ଡିଆନର କହିବାର ଅର୍ଥ ଭାରତ ସବୁଦିନ ଇଂରେଜୀ ମାଧ୍ୟମରେ ଡାକ୍ତରୀ ଶିକ୍ଷା ଦେବାପାଇଁ ଅର୍ଥ ଖର୍ଚ୍ଚ କରୁ ଆଉ ୟୁରୋପ-ଆମେରିକା ସେମାନଙ୍କ ଡାକ୍ତରଖାନାରେ ସେମାନଙ୍କୁ ନିଯୁକ୍ତି ଦେଇ ସବୁଦିନ ସେବା ପାଉଥାଆନ୍ତୁ । ଏହା ଉପନିବେଶବାଦୀ ବିଚାର ଭିନ୍ନ ଅନ୍ୟ କିଛି ନୁହେଁ । କାରଣ ଭାରତରେ ଡାକ୍ତର ବାହାର କରିବା ପାଇଁ ସରକାର ସାଧାରଣ ଜନତାଙ୍କର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ସମୟରେ ସେମାନେ ଶିକ୍ଷା ଲାଭ କରି ବିଦେଶରେ ନିଯୁକ୍ତି ପାଇବା ପରେ ସେଠାକାର ନାଗରିକତ୍ୱ ଗ୍ରହଣ କରି ସ୍ଥାୟୀ ବାସିନ୍ଦା ହେଉଛନ୍ତି । ଫଳରେ ଭାରତର ଜନସାଧାରଣଙ୍କ ଅର୍ଥର ଭରଣା ହୋଇପାରୁ ନାହିଁ । ଯେଉଁ କାରଣରୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଆଜିଯାଏଁ ଆବଶ୍ୟକ ତୁଳନାରେ କମ୍ ସଂଖ୍ୟାରେ ଡାକ୍ତର ଭାରତରେ କାର୍ଯ୍ୟ କରୁଛନ୍ତି । ଅଥଚ ବ୍ରିଟେନର ସ୍ୱାସ୍ଥ୍ୟସେବାରେ ଭାରତୀୟ ମୂଳର ଡାକ୍ତରମାନେ ଭରି ରହିଛନ୍ତି । ଆମେରିକାର ଅନେକ ଡାକ୍ତରଖାନାରେ ଭାରତୀୟ ଡାକ୍ତର କାର୍ଯ୍ୟରତ । ଅନ୍ତତଃପକ୍ଷେ ହିନ୍ଦୀଭାଷୀ ଡାକ୍ତରମାନେ ଶିକ୍ଷାଲାଭ ପରେ "ଉଡନ୍ ଛୁ" ନହୋଇ ଭାରତର ଡାକ୍ତରଖାନାରେ ନିଯୁକ୍ତ ହେବେ ଏହା ନିଶ୍ଚିତ । ସରକାର ସେହି ଲକ୍ଷ୍ୟରେ ଏହି ପାଠ୍ୟକ୍ରମ ଆରମ୍ଭ କରିଛନ୍ତି ।

'ଦି ଗାର୍ଡିଆନ'ର ଅନ୍ୟ ଏକ ଯୁକ୍ତି ହେଲା ଯେ ୯୭ ଜଣିଆ ସେନାବାହିନୀ (ଅନୁବାଦକ) ଗତ ନଅମାସ ଧରି ଚିକିତ୍ସାଶାସ୍ତ୍ରକୁ ବୁଝାଇବା ଲାଗି ବିକଳ୍ପ ହିନ୍ଦୀଶବ୍ଦ ଖୋଜିବାର ଅନୁସନ୍ଧାନ ଚଳାଇ ଆସିଥିଲେ । ମଧ୍ୟପ୍ରଦେଶର ୧୩ ଡାକ୍ତରୀ କଲେଜରେ ଚଳିତବର୍ଷ ନଭେମ୍ବର ମାସରୁ ହିନ୍ଦୀ ଶିକ୍ଷାଦାନ ଆରମ୍ଭ ହେବ । କିନ୍ତୁ ପ୍ରକୃତରେ ଏହି ଶିକ୍ଷା ଅକ୍ଟୋବର ମାସରୁ ଆରମ୍ଭ ହୋଇଗଲାଣି । ଗାର୍ଡିଆନର ଲେଖକ ପୁଣି କହିଛନ୍ତି ଯେ ଯେଉଁ ଛାତ୍ରଛାତ୍ରୀମାନେ ଅନର୍ଗଳ ଇଂରାଜୀ କହିବାରେ ଦୁର୍ବଳ ସେମାନେ ମୋଦିଙ୍କୁ ନିଶ୍ଚିତ ଭାବେ ସମର୍ଥନ କରିବେ । ୨୦୨୦ରୁ ଆୟୁର୍ବେଦ ଚିକିତ୍ସକମାନେ ଶଲ୍ୟ ଚିକିତ୍ସା (ସର୍ଜରୀ) କରିପାରିବେ ବୋଲି ସରକାର ଅନୁମତି ଦେବା ଭୟଙ୍କର ବୋଲି ଗାର୍ଡିଆନ କହିଛି । କିନ୍ତୁ ଅତୀତରୁ ଆଜିଯାଏ ଏହି ଚିକିତ୍ସାଶାସ୍ତ୍ରରେ ଶଲ୍ୟ ବ୍ୟବସ୍ଥା ରହିଆସିଛି । ସଫଳ ଅର୍ଶ ଚିକିତ୍ସା ଆୟୁର୍ବେଦର ଶଲ୍ୟ ମାଧ୍ୟମରେ କରାଯାଇଥାଏ । ହେଲେ ନିଜ ଆଭିମୁଖ୍ୟକୁ ପ୍ରତିଷ୍ଠା ଦେବା ଉଦ୍ଦେଶ୍ୟରେ କିଛି ହାତଗଣା ଡାକ୍ତରଙ୍କ ମତକୁ ଏଥିରେ ସାମିଲ କରାଯାଇଛି ଯେଉଁମାନେ ହିନ୍ଦୀ ମାଧ୍ୟମରେ ଚିକିତ୍ସା ଶିକ୍ଷା ବିଫଳ ହେବ ବୋଲି ଯୁକ୍ତି ବାଢିଛନ୍ତି । ଏଠାରେ କହିବା କଥା ଯେ ରୁଷିଆ ସମେତ ଜାପାନ ଏବଂ ୟୁରୋପର ଅନେକ ରାଷ୍ଟ୍ରରେ ନିଜ ଭାଷାରେ ଚିକିତ୍ସା ଶିକ୍ଷା ଦିଆଯାଇଆସୁଛି । ସଫଳତାର ସହ ସେସବୁ ଦେଶରେ ଚିକିତ୍ସକମାନେ କାର୍ଯ୍ୟକରିବା ସହ ନୂତନ ଗବେଷଣାର ପଥପ୍ରଦର୍ଶକ ମଧ୍ୟ ହୋଇଛନ୍ତି । ଏହି ଖବରକାଗଜର ଇତିହାସକୁ ଦେଖିଲେ ଦି ମାଞ୍ଚେଷ୍ଟର ଗାର୍ଡିଆନ ୧୮୨୧ରୁ ୧୯୫୯ ପର୍ଯ୍ୟନ୍ତ ମାଞ୍ଚେଷ୍ଟରରୁ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଉଥିଲା, ଯାହା ଷ୍ଟାମ୍ପ ଟିକସ ଛାଡପରେ ୧୯୫୯ରୁ ଦୈନିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଉଛି । ୧୯୬୪ରୁ ଏହାର କାର୍ଯ୍ୟାଳୟ ଲଣ୍ଡନରୁ ଚାଲିଆସିଛି । 'ଦି ସ୍କଟ ଟ୍ରଷ୍ଟ' ମାଲିକାନାରେ ପ୍ରକାଶିତ ଏହି ଖବରକାଗଜରେ ଅନେକ ସମୟରେ ଭାରତ ସଂପର୍କରେ ନକାରାତ୍ମକ ଧାରଣା ସଂପନ୍ନ ଲେଖା ପ୍ରକାଶ ପାଇଥାଏ । ଦେଢଲକ୍ଷ ସଂଖ୍ୟାରେ ପ୍ରସାରିତ ଏହି ସମ୍ବାଦପତ୍ର ଭାରତର କୌଣସି ରାଜ୍ୟର ସ୍ଥାନୀୟ ଭାଷାର ସମ୍ବାଦପତ୍ରଠାରୁ ମଧ୍ୟ ପ୍ରସାରରେ କମ୍ । କିନ୍ତୁ ଅନୁସନ୍ଧାନ ଏବଂ ବିଦେଶ ସମ୍ବାଦ ପରିବେଷଣ ନାମରେ ଏହି ସମ୍ବାଦପତ୍ର ନିଜର ସ୍ୱତନ୍ତ୍ର ଏଜେଣ୍ଡା ନେଇ କାର୍ଯ୍ୟ କରିଥାଏ । ୨୦୦ ବର୍ଷରୁ ଅଧିକ କାଳ ଧରି ଭାରତରେ ଶାସନ କରି ବ୍ରିଟେନର ଭାଷା, ସଂସ୍କୃତି ଏବଂ ଧର୍ମକୁ ଜବରଦସ୍ତ ପ୍ରତିଷ୍ଠା ଦେଇଥିବା ରାଷ୍ଟ୍ରବାସୀଙ୍କୁ ଏକଦା ଉପନିବେଶ ଥିବା ସ୍ୱାଧୀନ ରାଷ୍ଟ୍ରର ଲୋକେ ସେମାନଙ୍କ ଦୀର୍ଘଦିନର ଉପନିବେଶବାଦୀ ଶିକ୍ଷା ବ୍ୟବସ୍ଥାକୁ ତ୍ୟାଗ କରିବା ଆଦୌ ଭଲଲାଗିବ ନାହିଁ । ତେଣୁ ହିନ୍ଦୀ ପାଇଁ ଗାର୍ଡିଆନର ଗାତ୍ରଦାହ ହେବା ସ୍ୱାଭାବିକ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# —ଅତୀତର ଗ୍ରାମ୍ୟଜୀବନ—

**ସ୍ୱା**ଧୀନତା ପୂର୍ବରୁ ଆମ ଗାଁମାନଙ୍କର ସାଂସ୍କୃତିକ ଜୀବନ ଯାହା ଥିଲା ସମସ୍ତେ ପ୍ରାୟ ଊଣା ଅଧିକେ ଜାଣନ୍ତି । କୃଷି ଉପରେ ନିର୍ଭରଶୀଳ ଗ୍ରାମବାସୀ ସଂଧ୍ୟାବେଳେ କେଉଁଠି ଟିକିଏ ବସି ଭାଗବତ ଶୁଣୁଥିଲେ କିମ୍ବା ରାମାୟଣ ଶୁଣୁଥିଲେ । ଫଗୁଣ ମାସ ବେଳକୁ ଚାଷକାମ ସରି ଯାଇଥିବାରୁ ଏହି ସମୟରେ ଗାଁକୁ ପାଲା, ଦାସକାଠିଆ, ଯାତ୍ରାବାଲା ସବୁ ଆସୁଥିଲେ ସେମାନଙ୍କ କଳା ପ୍ରଦର୍ଶନ ପାଇଁ । ଗାଁମାନଙ୍କରେ ମହାଭାରତ କ୍ୱଚିତ ପଢ଼ାଯାଉଥିଲା, କାରଣ ମହାଭାରତ ପଢ଼ିଲେ କାଳେ ପରିବାର ଭିତରେ କଳି କଜିଆ ଲାଗେ । ଏହିପରି ଏକ ଭୁଲ ଧାରଣା ଲୋକମାନଙ୍କ ଭିତରେ ସୃଷ୍ଟି କରାଯାଇଛି । ଯେଉଁଠି ଭାଗବତ ଗାଦିଥାଏ ସେଠି ହପ୍ତା ବସେ ଅର୍ଥାତ୍ ଭାଗବତ ସପ୍ତାହ ପାଳନ କରାଯାଏ । ସେଇ କେତେଦିନ ଗ୍ରାମ ଭିତରେ ଆମିଷ ପଶେ ନାହିଁ । ରାମାୟଣ ପଢ଼ାଗଲେ ମଧ୍ୟ ଗାଁରେ ଆମିଷ ପଶେ ନାହିଁ । ଏହି ସବୁ ପରମ୍ପରା ଆମ ଗ୍ରାମ୍ୟ ଜୀବନକୁ ଶୃଙ୍ଖଳିତ ଓ ସଂଜତ କରିପାରିଥିଲା । ଦାସକାଠିଆ ଓ ପାଲାବାଲାଙ୍କ ଛଡ଼ା ଆଉ କେତୋଟି ସଂପ୍ରଦାୟର ଲୋକ ଆମ ଗାଁ ମାନଙ୍କୁ ଆସୁଥିଲେ ସେମାନଙ୍କ ଭିତରେ ଥିଲେ ସାପୁଆକେଳା, ସବାଖିଆକେଳା, ନାଉତୁମ୍ବା ବଜାଉଥିବା କେଳା କେଳୁଣୀ ।



ନାଉତୁମ୍ବାରେ ତିଆରି ହୋଇଥିବା ଧୁଡୁକି ବାଦ୍ୟ ବଜାଇ ଯେଉଁମାନେ ନାଚୁଥିଲେ ମୁଁ ସେମାନଙ୍କ କଥା ଆଗେ ଲେଖୁଛି । ଏଇ ଫଗୁଣ ଚୈତ୍ର ବେଳକୁ ଏଇକେଳାମାନେ ଆସି ଦାଣ୍ଡ ଦୁଆରେ ଧୁଡୁକି ବଜାଇ ଗୀତ ବୋଲନ୍ତି ସ୍ତ୍ରୀ ଲୋକଟି ଛୋଟ ଢ଼ୋଲକିଟିଏ ବଜାଇ ଲୋକଙ୍କୁ ଆକର୍ଷଣ କରେ । ଆମ ଗାଁ ଦାଣ୍ଡରେ ବୁଢ଼ାଟୋକା ସବୁ ଜମା ହୋଇ ପଡ଼ନ୍ତି । ସ୍ତ୍ରୀଲୋକମାନେ କବାଟ ଆଢୁଆଳରେ ଛିଡ଼ା ହୋଇ ଏ ଦୃଶ୍ୟ ଦେଖନ୍ତି । କେଳାଟି କହେ ବାବୁମାନେ ଆପଣମାନେ କେଡ଼େ କେଡେ ମହାଜନ କେଡ଼େ କେଡେ ସାହୁକାର ଅଛନ୍ତି ଏ କେଳାକୁ ମୁଠାଏ ମୁଠାଏ ଚାଉଳ ଦେଲେ ଅଣାଏ ଅଣାଏ ପଇସା ଦେଲେ ଆପଣଙ୍କ ଭଣ୍ଡାର ସରିଯିବ ନାହିଁ । ଗରିବ ଗୁରୁବାଙ୍କୁ ଯେତେ ଦାନ କରିବ ଲକ୍ଷ୍ମୀମାଆ ତୁମର ଧନ ଭଣ୍ଡାର ସେତିକି ପୂର୍ଣ୍ଣ କରିବେ । ମୁଁ ଆପଣ ମାନଙ୍କଠାରୁ ମୋଫତ୍ ମାଗିବାକୁ ଆସିନାହିଁ । ମୁଁ କିଛି ଗୀତ ନାଚ ଦେଖାଇବି ଆପଣମାନେ ଯାହା ଖୁସିରେ ଦେବେ ତାହା ଗ୍ରହଣ କରିବି । ଜଣେ କେହି ମୁରବୀ ଲୋକ କହିଦିଏ ହଉ ହଉ ନାଚ କର ଚାଉଳ ପଇସା ଦିଆଯିବ । ସାଙ୍ଗେ ସାଙ୍ଗେ କେଳାଟି ନାଲିଆ ରଙ୍ଗର ଗୋଟିଏ ଗାଉନ ଭଳି ପୋଷାକ ପିନ୍ଧିଦିଏ । ସ୍ତ୍ରୀଲୋକଟି କାନ୍ଧରେ ଖଣ୍ଡେ ଧଳା ଚାଦର ପକେଇ ଧୁଡୁକି ବଜାଇ ଚାଲେ । ପୁରୁଷଟି ନାଚି ନାଚି ଗୀତ ଗାଏ-"ବେନୁଆ ମାଆ କର ସୁଦୟା, ଯାଉଛି ବାବାଜୀ ହୋଇ । ତୋ ଟାଣ କଥା ଲାଗୁଛି ବ୍ୟଥା, ପାରୁନି ଆଉ ସହି । ସ୍ତ୍ରୀ - ହାତ ଧରି ମୋର ବାହା ହୋଇଲୁ, କେତେ ମିଠାଳିଆ କଥା କହିଲୁ । ମଥା ପାଇଁ ଦେବୁ ରୂପାର ସିନ୍ଥି, କାନ ପାଇଁ ଦେବୁ ହଳେ ଝୁମୁକୀ । ମାସ ମାସ ହୋଇ ବରଷେ ଗଲା, କେଉଁଠି କଅଣ ଦେଇଛୁ ଭଲା । ଏବେ କହୁ ଅଛୁ ହେବୁ ବାବାଜୀ, ପୁଅଟିକୁ ତୋର ସାଙ୍ଗରେ ନେଲେ ତୋ କଥାରେ ମୁଁ ହୋଇବି ରାଜି । ପୁରୁଷ - ନେବ ନାହିଁ ନେବି ନାହିଁ, କାହାରିକୁ ନେବି ନାହିଁ । ଏକା ଏକା ମୁହିଁ ବୁଲି ବି ଦାଣ୍ଡରେ, ହରିନାମ ଗାଇ ଗାଇ । ସ୍ତ୍ରୀ - ହଁ କଥାରେ କଥାରେ ଭାରି ଚାଲାଖ, ପୁଅକୁ ତୋହର ପୋଷିବି କିଆଁ ଜୀବନ ଯାକ ।" ସମବେତ ଦର୍ଶକମାନଙ୍କ ଭିତରେ ହାସ୍ୟରୋଳ ସୃଷ୍ଟି ହୁଏ । ତା'ପରେ ଆଉ କିଛି ଗୀତ ବୋଲି ଦୁଇଜଣଯାକ ହାତ ଧରା ଧରି ହୋଇ ନାଚନ୍ତି ଗାଁର ପିଲାମାନେ ତାଳିମାରି ଦାଣ୍ଡ ଉଛୁଳାଇ ଦିଅନ୍ତି । ତାପରେ ଦୃଶ୍ୟପଟ ବଦଳିଯାଏ । ଦେଖଣାହାରିଏ ମୁଠେ ମୁଠେ ଚାଉଳ ଗୋଟେ ଗୋଟେ ଦୋପଇସି କିମ୍ବା ଅଣି ଆଣି ପକାଇ ଦିଅନ୍ତି କେଳା ଝୁଲିରେ । ସେମାନେ ଯାହା ପାଇଲେ ସେତକରେ ସନ୍ତୁଷ୍ଟ ହୋଇ ଚାଲିଲେ ଅନ୍ୟ ଗୋଟିଏ ଗାଁଆକୁ ।

ଅନ୍ୟ ଦଳଟି ହେଉଛନ୍ତି ସାପୁଆ କେଳା । ଜଣେ ପୁରୁଷ ଜଣେ ସ୍ତ୍ରୀ । ପୁରୁଷଟି ବାହୁଙ୍ଗିରେ ଓହଳେଇ ଥାଏ ଥାକମରା ଚାରିଟି ପେଡ଼ି । ପେଡି ଭିତରେ ଥାଆନ୍ତି ହଳଦୀ ଗୁରୁଗୁରୁ ଗୋଖର ସାପ । ସାପମାନଙ୍କ ମୁଣ୍ଡରେ ଥାଏ କଠଉ ଚିହ୍ନ । କେଳାଟି ପେଡ଼ି ବନ୍ଦ କରି ପଦ୍ମତୋଳା ଗୀତ ବୋଲେ ତାପରେ ଆସ୍ତେ ଆସ୍ତେ ପେଡ଼ିର ଉପର ଢ଼ାଙ୍କୁଣି ଉଠାଇ ଦିଏ । ହଳଦୀ ଗୁରୁଗୁରୁ ସେଇ ଗୋଖର ସାପ ପେଡ଼ି ଭିତରେ ଥାଇ ଫଣା ଟେକି ଗର୍ଜନ କରେ । କେଳାଟି ସାପ ଫଣା ଆଗରେ ଆଣ୍ଠୁ ହଲାଇ ଗୀତ ବୋଲୁଥାଏ । 'ନନ୍ଦର ଘରଣୀ ପଦ୍ମାବତୀ ରାଣୀ, କାଳନ୍ଦୀ ହ୍ରଦରେ ବାସ, ଏତେ ଉଗ୍ରରୂପ ହେଉଛି କିପାଇଁ, ଫୁତକାର କରୁଛୁ ବିଷ ।' ହଠାତ୍ ସାପଟା ଚୋଟ ମାରିବାକୁ କେଳା ଆଡ଼କୁ ଆଗେଇ ଆସିବା ମାତ୍ରେ କେଳା ତା ବେକକୁ ଧରି ପକାଏ ଏବଂ ପେଡ଼ିରେ ଭର୍ତ୍ତି କରିଦିଏ । ଆଉ ଗୋଟିଏ ପେଡ଼ି ଖୋଲାହୁଏ ସେଥିରୁ ବାହାରେ କଳା ରଙ୍ଗର ଡମ୍ପ । ସେ ପଦ୍ମତୋଳା ଗୀତ ଜମା ଶୁଣେନାହିଁ । ସେ ଖାଲି ଲାଞ୍ଜ ଉପରେ ଛିଡ଼ା ହୋଇ ଫଁ ଫଁ ଶବ୍ଦ କରେ । ସେ ତାକୁ ପେଡ଼ିରୁ ପଦାକୁ ବାହାର କଲାମାତ୍ରେ ବାହାରକୁ ପଳେଇ ଯିବାକୁ ଚେଷ୍ଟା କରେ, କେଳା ତା ଲାଞ୍ଜ ଧରି ଟାଣି ଆଣେ ପେଡ଼ିରେ ଭର୍ତ୍ତି କରିଦେଇ ପେଡ଼ି ବନ୍ଦ କରିଦିଏ । ଏଇ ହେଲା ସାପ ଖେଳ । ତା'ପରେ ଆରମ୍ଭ ହୁଏ ତାର ମାଗୁଣି । ସିଲଭର କଂସାଟିଏ ଧରି ସେ ଦୁଆର ଦୁଆର ବୁଲିଆସେ ଯିଏ ଯାହା ପାରିଲା ଚାଉଳ ପଇସା ତା କଂସାରେ ପକାଇ ଦିଅନ୍ତି । ସେତକରେ ସେ ସନ୍ତୁଷ୍ଟ । କାନ୍ଧରେ ବାହୁଙ୍ଗି ଧରି ସେ ଚାଲେ ଅନ୍ୟ ସାହିକୁ । ଦଳ ଦଳ ପିଲା ଗୋଡେଇଥାନ୍ତି ତା' ପଛେ ପଛେ ।

ଆଉ ଦଳେ ଆସନ୍ତି ସେମାନଙ୍କୁ ଗାଁ ଲୋକେ କହନ୍ତି ସବାଖିଆ କେଳା । କଳା ଦେହ ବଳିଷ୍ଠ ଚେହେରା ହାତରେ ଥାଏ ଲୁହାବଳା ଓ ଆଉ ଗୋଟାଏ ଛୁରି । ସେ ଗୀତ ବୋଲି ବୋଲି ଛୁରିଟାକୁ ହଲଉଥାଏ ଲୁହାବଳାରେ ବାଜି ତାହା ଝଣ ଝଣ ଶବ୍ଦ ହେଉଥାଏ । ସେ ଯେଉଁ ଗୀତ ବୋଲୁଥାଏ ତାହା ଅବୋଧ । ବୋଧହୁଏ ସେମାନେ ତେଲୁଗୁ ଭାଷାରେ ଗୀତ ବୋଲୁଥାନ୍ତି । ମୁଣ୍ଡରେ ନାଲିକନାର ପଗଡ଼ି କପାଳରେ ସିନ୍ଦୂରଗାର । କେଳା ମାନଙ୍କର ଚେହେରା ଭୟଙ୍କର । ସେମାନଙ୍କ ସାଙ୍ଗରେ ଥାଆନ୍ତି ଜଣେ ଜଣେ କେଳୁଣୀ । ତାଙ୍କ ମୁଣ୍ଡରେ ଥାଏ ଷ୍ଟେସନାରୀ ଜିନିଷ ପସରା । ପସରାଟି ଓହ୍ଲେଇ ଦାଣ୍ଡ ପିଣ୍ଡାରେ ଥୋଇଦେଇ କହନ୍ତି - ମା' ସିନ୍ଦୂର, ଅଳତା, କାଚ, ଗୋଟିନା, ଫିତା, ପାଣିକାଚ, ସବୁଅଛି ଗାଁର ଝିଅ ବୋହୂମାନେ ଏସବୁ ଜିନିଷ ସେମାନଙ୍କ ପାଖରୁ କିଣନ୍ତି । ଜିନିଷ ବାବଦରେ ପଇସା ନିଅନ୍ତି । ଭିକ ପସରା ଅଲଗା ସେଥିରେ ସେମାନେ ଚାଉଳ ନିଅନ୍ତି । ଥରେ ଗୋଟିଏ କେଲୁଣୀ ଏଇ ପସରା ନେଇ ଆମ ଗାଁକୁ ଆସିଥିଲା । ଦେଖିବାକୁ ଭାରି ସୁନ୍ଦରୀ, ବୟସ ଖୁବ୍ ଅଳ୍ପ ୨୦-୨୫ ଭିତରେ ହେବ । ତାକୁ ଦେଖିଲେ ଜାଣି ହେଉଥାଏ ସେ କେଳା ଘରର ବୋହୂ ନୁହେଁ । କେଲୁଣୀର ବେଶଭୂଷା, ଢ଼ଙ୍ଗରଙ୍ଗ ତାପାଖରେ ନାହିଁ । ମୋ ବୋଉ ତା ପାଖରୁ କେତେପଟ ପାଣିକାଚ କିଣିଲା ଆଉ ତାକୁ ଗେହ୍ଲେଇ ହୋଇ ପଚାରିଲା ଆଲୋ ତୋ ନାଆଁ କ'ଣ ? ବୋହୂଟି ଚୁପ୍ ଚୁପ୍ କରି କହିଲା ଯଶୋଦା । - ଆଲୋ ହେ ଯଶୋଦା ତୁ ତ କେଳାଘର ଝିଅପରି ଦିଶୁନାହୁଁ । ତୋ ସ୍ୱାମୀ ଯାହା କହୁଛି ଆମେ ତ' ବୁଝି ପାରୁନାହୁଁ । ତୁ ତ ଆମପରି ଭଲ କଥା କହୁଛୁ । ତୁ ଏମାନଙ୍କ ମେଳରେ ରହିଛୁ କେମିତି ? ବୋହୂଟି ସତର୍କତାର ସହ ଇଆଡ଼େ ସିଆଡ଼େ ଚାହିଁଲା । ସେତେବେଳେ ତା' ସ୍ୱାମୀ ଅନ୍ୟ ଜଣକ ଦୁଆର ମୁହଁରେ ଭିକ ମାଗୁଥାଏ, ସେ ଚୁପ୍ ଚୁପ୍ କରି କହିଲା ଯାହା କହିବି କାହାପାଖରେ କହିବ ନାହିଁ । କହିଲେ ମୋ ଜୀବନ ରହିବ ନାହିଁ । ମୁଁ ଖଣ୍ଡେଇତ ଘରର ଝିଅ, ଏଇ କେଳାଟା ମତେ ଗୁଣିକରି ତା ସାଙ୍ଗରେ ଘେନି ଆସିଛି । ଥରେ ଘରୁ ଗୋଡ଼ କାଢ଼ି ଚାଲି ଆସିଲା ପରେ ଆଉ ବାପାମାଆ ସାଇ ପଡ଼ିଶା କେହି ମୋ ମୁହଁକୁ ଅନେଇଲେ ନାହିଁ । ଏବେ ପସ୍ତାଉଛି । ପୋଡ଼ାମୁହାଁଟା କ'ଣ ଗୁଣି କରିଦେଲା କେଜାଣି ମୋ ମନ ତ' ଖାଲି ଉଚ୍ଚାଟ ହେଲା, ତା'ସାଙ୍ଗେ ସାଙ୍ଗେ ପଳେଇ ଆସିଲି । ଏବେ କେଳା ପଲ୍ଲୀରେ ଗଛମୂଳେ ରହୁଛି । ଝିଅଟିର ଆଖି ଦୁଇଟି ଛଳ ଛଳ ହୋଇ ଲୁହ ଦୁଇଟୋପା ଖସିପଡ଼ିଲା ।

**—ରଘୁନାଥ ମହାପାତ୍ର**
*ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ-୯,*
*ଦୂରଭାଷ : ୯୨୩୮୬୩୨୭୫୦*

# ଅକ୍ଟୋବର ୩୧ରେ ଇନ୍ଦିରା ପାର୍କଠାରୁ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା'ର ଶୁଭାରମ୍ଭ




ଭୁବନେଶ୍ୱର (ପିଏନ୍)- ଆମର ପ୍ରିୟ ନେତା ସମ୍ମାନନୀୟ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ଅନୁକରଣରେ ଓଡ଼ିଶାରେ ସମ୍ମାନନୀୟ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସନ୍ତୋଷ ସିଂ ସାଲୁଜା, ବିଧାୟକ ତଥା ଅଧ୍ୟକ୍ଷ, 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା' କାର୍ଯ୍ୟାନ୍ୱୟନ କମିଟି ସୂଚନା ଦେଇଛନ୍ତି । ଏହି ଭାରତ ଯୋଡ଼ ଯାତ୍ରା ଓଡ଼ିଶାରେ ୨୭ଟି ଜିଲ୍ଲା, ୧୯ ସଂସଦୀୟ କ୍ଷେତ୍ର, ୨୨୫୦ କି.ମି. ରାସ୍ତାକୁ ପ୍ରାୟ ୧୦୦ ଦିନରେ ଅତିକ୍ରମ କରିବ । ଏହି ଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ, ଛାମୁଆ ସଂଗଠନ, ଜିଲ୍ଲା କଂଗ୍ରେସ ସଭାପତି, ବୁଦ୍ଧିଜୀବୀ, କୃଷକ, ଶ୍ରମିକ, ବେକାର ଯୁବକ ଯୁବତୀ, ମହିଳା, ଛାତ୍ର ଛାତ୍ରୀ, ସାମାଜିକ ଅନୁଷ୍ଠାନ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ । ଓଡ଼ିଶାରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତିର ବୈପ୍ଳବିକ ପରିବର୍ତନ ପାଇଁ ଏହି 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା' ଉଦ୍ଦିଷ୍ଟ । ଅକ୍ଟୋବର ୩୧ ତାରିଖ ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରୁ ପ୍ରଭାତରୁ ଏହି ଯାତ୍ରା ଆରମ୍ଭ ହେବ । ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କର ଆଛାଦିନର ପ୍ରତାରଣାରେ ଆଜି ଦେଶର ତଥା ଓଡ଼ିଶାର ଜନସାଧାରଣ ଅତିଷ୍ଠ । ଜାତି, ଧର୍ମ, ବର୍ଣ୍ଣ, ଭାଷା, ଖାଦ୍ୟ, ପୋଷାକ ଓ ଆଂଚଳିକ ବାଦକୁ ନେଇ କେବଳ ରାଜନୈତିକ ଫାଇଦା ପାଇଁ ମୋଦି, ବିଜେପି ଏବଂ ଆରଏସଏସ ଦେଶରେ ଘୃଣା,ହିଂସା ଏବଂ ବିଦ୍ୱେଷର ମଂଜି ବୁଣୁଛନ୍ତି । ଭାରତୀୟମାନଙ୍କର ଏକତା, ଭ୍ରାତୃଭାବ, ସଂହତିକୁ କୌଶଳକ୍ରମେ ନଷ୍ଟ କରାଯାଉଛି । ଭାରତର ଗଣତନ୍ତ୍ର ଓ ସମ୍ବିଧାନ ତଥା ସାମ୍ବିଧାନିକ ଅନୁଷ୍ଠାନକୁ ବିପଦଗ୍ରସ୍ତ କରାଯାଉଛି । ମୋଦି ଓ ଆରଏସଏସର ଚାପରେ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଦୁର୍ବଳ ହୋଇପଡ଼ିଛି । ଆଉ ନିରପେକ୍ଷ ହୋଇନାହିଁ । ଭାରତୀୟ ଗଣତନ୍ତ୍ରର ଗରିମା ନଷ୍ଟ ହୋଇପଡୁଛି । ଦିନକୁ ଦିନ ଗଣତନ୍ତ୍ର ବଦଳରେ ମୋଦିତନ୍ତ୍ର ବଳବତର ହେଉଛି । ବିକାଶ ନାମରେ ଆହ୍ୱାନ ଦେଉଥିବା ମୋଦି ଆଠବର୍ଷ ଭିତରେ ଭାରତବର୍ଷର ବିନାଶ କରିଛନ୍ତି । ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ରକ୍ଷାକରିବାରେ ଅସମର୍ଥ ହୋଇଛନ୍ତି । ଯୁବକମାନେ ଆଜି ଦିଶାହୀନ । ଦୁଇକୋଟି ନିଯୁକ୍ତିର ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ୮ ବର୍ଷରେ ୧୬ କୋଟି ଲୋକ ନିଯୁକ୍ତି ପାଇବା କଥା । ମାତ୍ର ଭାରତ ସରକାରଙ୍କର ସମୁଦାୟ ମଂଜୁରିପ୍ରାପ୍ତ ୪୦,୩୫,୨୦୩ ପଦବୀରୁ ୯.୭୯ ଲକ୍ଷ ପଦବୀ ଖାଲି ପଡ଼ିଛି । କୋଟି କୋଟି ଲୋକ ବେକାରୀ ବୋଝରେ ହନ୍ତସନ୍ତ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ନିଦକ ବସିଛନ୍ତି । ମୋଦିଙ୍କ 'ପକୋଡ଼ା ନିଯୁକ୍ତି' ବୟାନ ଦେଶର ବେକାର ଯୁବକ ଯୁବତୀମାନଙ୍କ ପାଇଁ ଉପହାସ । ମହଙ୍ଗା ମାଡ ଓ ଦାରିଦ୍ର୍ୟ ପରିସ୍ଥିତି ଅଣାୟତ ହୋଇପଡ଼ିଛି । ଅତି ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ଜିଏସଟି ଲାଗୁ ହେବା ଫଳରେ ସାଧାରଣ ଲୋକଙ୍କର ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି । ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦର ଆକାଶଛୁଆଁ । ବିଶ୍ୱ ଖାଦ୍ୟ ସୂଚକାଙ୍କର ତଥ୍ୟ ଅନୁସାରେ ଭାରତ ଏକ ଭୋକିଲା ଦେଶ (୧୨୧ରୁ ୧୦୭ ସ୍ଥାନ)ର ଅପବାଦ ମୁଣ୍ଡାଇଛି । ପ୍ରତି କଥାରେ କଂଗ୍ରେସ ଓ ନେହେରୁଙ୍କ ଦୋଷାରୋପ କରୁଥିବା ମୋଦି କଂଗ୍ରେସ, ନେହେରୁ, ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ଓ ମନମୋହନ ସିଂ ଦେଶ ପାଇଁ ଯେଉଁ ସଂପତି ସୃଷ୍ଟି କରିଥିଲେ ତାହାକୁ ତାଙ୍କର ବନ୍ଧୁ ପୁଂଜିପତିଙ୍କ ହାତରେ ଟେକି ଦେଉଛନ୍ତି । ଏୟାରଇଣ୍ଡିଆ, ବନ୍ଦର, ଖଣି, ରେଳବାଇ, ବ୍ୟାଙ୍କ, କେନ୍ଦ୍ର ସରକାରଙ୍କର ଶିଳ୍ପ, ଏଲଆଇସି ପ୍ରଭୃତି କେନ୍ଦ୍ର ସରକାରଙ୍କ ସଂସ୍ଥାଗୁଡ଼ିକୁ ଏବେ ମୋଦିଙ୍କର ପ୍ରିୟ ପୁଂଜିପତି ମାନଙ୍କ ହାତକୁ ଚାଲିଯାଉଛି । ଭାରତ ଏବେ ଋଣଗ୍ରସ୍ତ ହୋଇପଡ଼ିଛି । କଳା କୃଷି ଆଇନ କରି ଦେଶର କୃଷି ଓ କୃଷକଙ୍କର ସର୍ବନାଶ କରିବାପାଇଁ ବସିଥିଲେ । ଲକ୍ଷୀମପୁର ଖେରୀରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ପୁତ୍ର ଆନ୍ଦୋଳନରତ ୮ଜଣ ଚାଷୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟାକଲେ । ଦିଲ୍ଲୀରେ ମୋଦିଙ୍କ ନିଷ୍ଠୁରତା ପାଇଁ ଆନ୍ଦୋଳନରତ ୭୦୦ ଜଣ ଚାଷୀ ମୃତ୍ୟୁବରଣ କଲେ । ବିମୁଦ୍ରୀକରଣ, ରାଫେଲ ଡିଲ, କରୋନା ମୁକାବିଲାରେ ବିଫଳତା, ଟଙ୍କାର ମୂଲ୍ୟ ହ୍ରାସ, ପ୍ରତି ଲୋକଙ୍କ ଜମାଖାତାରେ ୧୫ଲକ୍ଷ ଟଙ୍କା ଜମା ଓ ପେଗାସସର ଅନୈତିକ ବ୍ୟବହାର ପ୍ରସଙ୍ଗରେ ମୋଦିଙ୍କର ଅସଲ ମୁଖା ଖୋଲିଯାଇଛି । ଏଭଳି ପରିସ୍ଥିତିର ପରିବର୍ତନ ପାଇଁ ଆଜି ମାନ୍ୟବର ରାହୁଲ ଗାନ୍ଧୀ ଭାରତ ଯୋଡ଼ ଯାତ୍ରାରେ ଆଗେଇ ଚାଲିଛନ୍ତି । ଏହି ଯାତ୍ରାରେ ଲକ୍ଷ ଲକ୍ଷ ସାଧାରଣ ଜନତା ଯୋଗ ଦେଉଛନ୍ତି । ଓଡ଼ିଶାରେ ୨୨ ବର୍ଷ ଧରି ଏକ ନିକମା, ଦୁର୍ନୀତିଖୋର ଏବଂ ଭ୍ରଷ୍ଟାଚାରୀ ସରକାର ଚାଲିଛି । ବିଜେଡ଼ି ଓ ବିଜେପି ଏକତ୍ର ୯ବର୍ଷ ଶାସନ କରିଥିଲେ; ମାତ୍ର ପରବର୍ତୀ ପର୍ଯ୍ୟାୟରେ ଅଲଗା ହେଲେବି ସମସ୍ତ ନୀତି ନିଷ୍ପତିରେ ଏକାଠି କାର୍ଯ୍ୟ କରୁଛି । ନବୀନ ଶାସନରେ ଓଡ଼ିଶା ଆଜି ରସାତଳଗାମୀ । ବର୍ଷକୁ ୨ଲକ୍ଷ ଚାକିରୀର ପ୍ରତିଶ୍ରୁତି ଦେଇଥିବା ନବୀନ ସରକାର ୨୨ ବର୍ଷରେ ୪୨ଲକ୍ଷ ଚାକିରୀ ଦେବାକଥା, ମାତ୍ର ଆଜି ତାହା ପ୍ରତାରଣାପୂର୍ଣ୍ଣ ହୋଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାର ୮ଲକ୍ଷ ୮୦ ହଜାର ଏମ୍ପ୍ଲୋଇମେଂଟ ଏକ୍ସଚେଂଜରେ ନାମ ପଂଜିକରଣ କରି ବେକାର ହୋଇ ବସିଛନ୍ତି । ଓଡ଼ିଶା ସରକାରଙ୍କର ସମୁଦାୟ ୨ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି । ନିଯୁକ୍ତି ନପାଇ ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଓଡ଼ିଶାର ଯୁବକମାନଙ୍କର ଭବିଷ୍ୟତ ଓ ସ୍ୱପ୍ନ ଆନ୍ଧ୍ରର ଇଟାଭାଟି ଓ ସୁରଟ ସୂତାକଳରେ ହଜିଯାଉଛି । ବିଜୁ ଯୁବ ବାହିନୀ ନାମରେ ରାଜକୋଷ ଲୁଟ ହୋଇଛି । ଷ୍ଟାଫ୍ ସିଲେକସନ କମିଶନ ମାଧ୍ୟମରେ ଚାକିରି ବିକ୍ରି ହେଉଛି । ଓଡ଼ିଶା ଋଣଗ୍ରସ୍ତ । ୨୦୦୦ ମସିହାରେ ଓଡ଼ିଶାର ଋଣଭାର ୧୮ ହଜାର କୋଟି ଥିବା ବେଳେ ଏବେ ତାହା ୧ଲକ୍ଷ ୧୨ ହଜାର କୋଟି ହୋଇଛି । ମୁଣ୍ଡପିଛା ଋଣ ଭାର ଏବେ ୨୨ ହଜାର ଟଙ୍କା । ଓଡ଼ିଶାର ସାଧାରଣ ବଂଟନ ବ୍ୟବସ୍ଥାର ଚାଉଳ ଓ ଗହମ ପଶୁଖାଦ୍ୟ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି । ଓଡ଼ିଶା ବିଷାକ୍ତ ଔଷଧ ବିକ୍ରିର ପେଣ୍ଠସ୍ଥଳ ପାଲଟିଛି । ଦାରିଦ୍ର୍ୟ ଓ ବେକାରୀ ଆଜି ଉତ୍କଟ । ୨୨ ବର୍ଷରେ ୮ ହଜାର ଚାଷୀ ଆତ୍ମହତ୍ୟା କଲେଣି । ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏବଂ କଂଗ୍ରେସ ଶାସିତ ରାଜସ୍ଥାନରେ ଧାନ କ୍ୱିଂଟାଲ ପିଛା ୨୫ ଶହ ଟଙ୍କା ଦିଆଯାଉଥିଲା ବେଳେ ଓଡ଼ିଶାରେ କୃଷକ ତାର ଉପଯୁକ୍ତ ପ୍ରାପ୍ୟ ପାଉନାହିଁ । ସରକାର-ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାଜ୍ୟର କୃଷକମାନେ ଧାନର ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଓଡ଼ିଶାରେ ମହିଳା ଅସୁରକ୍ଷିତ । ଇତିଶ୍ରୀ, ବେବିନା, ମାଧବୀଲତା, କୁନ୍ଦୁଲୀ ଛାତ୍ରୀ, ସ୍ମିତାରାଣୀ, ପରୀ, ମମିତା ପ୍ରଭୃତିଙ୍କ ପରିବାର ନ୍ୟାୟ ପାଇପାରିଲେ ନାହିଁ । କେନ୍ଦ୍ର ସରକାରଙ୍କର ଏନସିଆରବିର ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୨୧ ମସିହାରେ ୩୩୦୦ ମହିଳା ଦୁଷ୍କର୍ମ ଘଟଣା ଘଟିଛି । ପ୍ରତିଦିନ ୯ଜଣ ମହିଳା ଏବଂ ୬ଜଣ ଅପ୍ରାପ୍ତବୟସ୍କା ବାଳିକା ଦୁଷ୍କର୍ମରେ ଶିକାର ହେଉଛନ୍ତି । ଏଣୁ ମୁଖ୍ୟମନ୍ତ୍ରୀଙ୍କ ମା'ଙ୍କୁ ସମ୍ମାନ ଆହ୍ୱାନ ମୂଲ୍ୟହୀନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସାଧାରଣ ଏବଂ ନଗଣ୍ୟ ସଂସ୍ଥାଠାରୁ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇ ଖୁସି । ରାଜ୍ୟର ଏ ପରିସ୍ଥିତିର ପରିବର୍ତନ ପାଇଁ କଂଗ୍ରେସ ସଂକଳ୍ପବଦ୍ଧ । ଏଣୁ ଆସନ୍ତୁ ସ୍ୱାଭିମାନୀ, ସୁରକ୍ଷିତ, ଦୁର୍ନୀତିମୁକ୍ତ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ପାଇଁ ଅଭିପ୍ରେତ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା'ରେ ସାମିଲ ହେବା । ଏହି ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା କଂଗ୍ରେସ ସଭାପତି ତଥା ଭାରତ ଯୋଡ଼ ଯାତ୍ରା-ଓଡ଼ିଶା କାର୍ଯ୍ୟାନ୍ୱୟନ କମିଟିର ସଦସ୍ୟ ମାନସ ଚୌଧୁରୀ, ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ସଂଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାଗୁଲାଇପାଟଣା ଅନନ୍ତ ପୁରୁଷୋତ୍ତମ ଦେବ ସେବକଙ୍କ ଦେହାନ୍ତ



ଖୋର୍ଦ୍ଧା (ପିଏନ୍): ସ୍ଥାନୀୟ ଜାଗୁଲେଇପାଟଣାସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ସେବକ ଭାବେ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ନିର୍ବାହ କରୁଥିବା ଅନନ୍ତ ଚରଣ ବେହେରାଙ୍କର ଗତ ଶୁକ୍ରବାର ଭୋର ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟକୁ ତାଙ୍କୁ ୫୪ ବର୍ଷ ହୋଇଥିଲା । ସେ ଅନେକ ଦିନ ଧରି ବହୁମୂତ୍ର ତଥା ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥାଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଅବସ୍ଥାରେ ଥିଲେ । ତାଙ୍କ ବିୟୋଗରେ ସମଗ୍ର ଜାଗୁଲାଇପାଟଣା ତଥା ଖୋର୍ଦ୍ଧାରେ ଶୋକର ଛାୟା ଖେଳିଯାଇଛି । ସେ ଅନନ୍ତ ପୁରୁଷୋତମ ଦେବଙ୍କ ସେବକ ଭାବେ ନିଜର କାର୍ଯ୍ୟକୁ ସୁଚାରୁ ଭାବେ କରିବା ସହ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ । ସେ ଏକଧାରରେ ଜଣେ ମିଷ୍ଟଭାଷୀ, ନ୍ୟାୟପରାୟଣ ବ୍ୟକ୍ତି ଥିଲେ । ଗ୍ରାମର କୋଣସି ଝଗଡା ଝଟିରେ ତାଙ୍କୁ ନ୍ୟାୟ କରିବା ପାଇଁ ଗ୍ରାମବାସୀମାନେ ଲୋଡୁଥିଲେ । ସେ ଜାଗୁଲେଇପାଟଣା ପ୍ରକଳ୍ପ ବିଦ୍ୟାଳୟର ସଭାପତି ଥିବା ସମୟରେ ପିଲାମାନଙ୍କର ଶିକ୍ଷାର ଉନ୍ନତିକଳ୍ପେ ବିଦ୍ୟାଳୟର ସର୍ବଶିକ୍ଷା ଗୃହ ଏବଂ ଆଂଚଳିକ ସ୍ତରରେ ଏକ କ୍ରୀଡା ଉତ୍ସବ ପାଳନ କରି ପିଲାମାନଙ୍କ ହୃଦୟରେ ଭାଇଚାରାର ଭାବ ଉଦ୍ରେକ କରିଥିଲେ । ଏପରି ଏକ ପରୋପକାରୀ ବ୍ୟକ୍ତିବିଶେଷଙ୍କ ବିୟୋଗରେ ସମସ୍ତ ଗ୍ରାମବାସୀ ମ୍ରିୟମାଣ ହୋଇଯାଇଛନ୍ତି । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ ଝିଅ ଜ୍ୱାଇଁ, ମଝିଆ ଝିଅ ଲକି, ସାନଝିଅ ଲୁସି, ପୁଅ ସୋମୁ, ପୁତୁରା ଶିବୁ ଓ ସାନଭାଇ ଉପସ୍ଥିତ ଥିଲେ । ପୁଅ ସୋମୁ ମୁଖାଗ୍ନି ଦେଇଥିଲେ ।




# ଆତ୍ମରକ୍ଷା



**ଦେବଯାନୀ ଦାସ**

ଘରକୁ ଫେରିବା ଠାରୁ ହରି ଖୁବ୍ ବିଚ୍ଳିତ।କେବେ ବିରକ୍ତି ଭାବ ତ କେବେ ଅସହାୟ ପଣ।

ଏଇକୁ କୁହାଯାଏ ଶିକ୍ଷା, ଏଇ ମାନେ ଶିକ୍ଷିତ !

ସେ ସଭାରେ ତା ସାନ ଝିଅ ମିନି ବି ତ ଥିଲା।ସେଇ ହେଉଛି ହରି ର ଏତେ ବେଶୀ ଉଦ୍ ବେଳନ ର କାରଣ।

ସେଦିନ କଲେଜ୍ ରେ ଆତ୍ମରକ୍ଷା (ସ୍ୱରକ୍ଷଲ ଯରଲରଭମର) ପ୍ରୋଗ୍ରାମ ର ଉଦଘାଟନୀ ସଭା ଟିଏ ଆୟୋଜନ କରାଯାଇଥିଲା ଯେଉଁ କଲେଜ୍ ରେ ସେ ଜଣେ ଚ଼ତୁର୍ଥ ଶ୍ରେଣୀ କର୍ମଚ଼ାରୀ। ପିଅନ।ଏଇ ପ୍ରୋଗ୍ରାମ ରେ ତାର ଭାରି ଆଗ୍ରହ।ସକାଳ ପହରୁ ସେ ଲାଗିଛି ଏହାର ଆୟୋଜନ ରେ।ଏଇ ବର୍ଷ ସାନ ଝିଅ ମୁନି କୁ +୨ପ୍ରଥମ ବର୍ଷ ରେ ଆଡ଼ମିଶନ କରିଛି ସେ ଏଇ କଲେଜ୍ ରେ। ସେ ଶିଖିବ ଆତ୍ମରକ୍ଷା ର କୌଶଳ।ଯାହା ହେଉ ସରକାର ଝିଅ ପିଲା ମାନଙ୍କ ପାଇଁ କଲେଜ୍ ସ୍ତର ରେ ଭଲ ଯୋଜନା ଟିଏ କରିଛନ୍ତି।ଦୁଇ ବର୍ଷ ହେଲାଣି ସେ ଏଥି ସହ ସଂପୃକ୍ତ ରହିଲାଣି।ସକାଳୁ ଆସି କଲେଜ୍ ଗେଟ ଖୋଲିବା କାମ ତାର।ପିଲା ମାନେ ଯୋଉ ହଲ ରେ ଶିଖିବେ ସେଠି ସବୁ ସଜଡ଼ିବା କାମ ବି ତାର।ଝିଅ ମାନେ ନିଜକୁ ନିଜେ ରକ୍ଷା କରି ପାରିବାର କୌଶଳ ଶିକ୍ଷା ଦେଖି ଶୁଣି ଯେତିକି ଆଶ୍ୱସ୍ତ ହୁଏ ହରି ସେତିକି କାନ୍ଦେ ତା ସ୍ତ୍ରୀ କୁ ଲୁଚ଼ାଇ।ଏ କୌଶଳ ଯଦି ନିନି ଶିଖିଥାନ୍ତା ତାହାଲେ ସେ ଆଜି ବି ତାର ବାପା ବାପା ଡାକ ଶୁଣୁ ଥାଆନ୍ତା।କେତେ ଆଶା ନେଇ ବାହା ଦେଇଥିଲା ତାକୁ ହରି। ପୁରୁଷ ନୁହେଁ ନାରୀ ପାଖରୁ ବି ନିଜକୁ ରକ୍ଷା କରିପାରିଲାନି ସେ। ଜୋଇଁ ବାହାରେ ରହୁଥିବା ବେଳେ ଶାଶୁ ଓ ନଣନ୍ଦ ର ଆକ୍ରୋଶ ର ଶିକାର ହେଇ ଜୀବନ ହରେଇ ଥିଲା ନିନି। କାସ୍ ଏଇ ସବୁ କୌଶଳ ସେ ଶିଖିଥାନ୍ତା, କାସ୍ ସେବେଠୁ ସରକାର କଲେଜ ମାନଙ୍କରେ ଏ ପ୍ରୋଗ୍ରାମ କରିଥାନ୍ତେ। ନିନି ଯେତେବେଳେ ଏ କଲେଜ୍ ରେ ପଢୁଥିଲା, ସେତେବେଳେ ଏସବୁ ନ ଥିଲା ତାଙ୍କ କଲେଜ୍ ରେ।ଏବେ ସାନ ଝିଅ ମୁନି ଏଠି ପଢୁଛି। ଆତ୍ମରକ୍ଷା ର କୌଶଳ ସେ ଶିକ୍ଷା ନବ। ସେଇ ହେଉଛି ତାର ଖୁସି ।ସଭାରେ ପ୍ରିନସିପଲ୍ ମୁଖ୍ୟ ଥିବା ବେଳେ ଅନ୍ୟ କେତେଜଣ ଙ୍କୁ ବି ଡାକ ହେଇଥିଲା,ଟ୍ରେନର ମାଡମ ଉପସ୍ଥିତ ଥିଲେ, ପ୍ରୋଗ୍ରାମ ଅଫିସର ଭାବେ ତା କଲେଜ ର ଜଣେ ମାଡମ୍ ଥିଲେ ଓ ବକ୍ତା ଭାବେ ଆଉ ଜଣେ ଅଧ୍ୟାପିକା ଥିଲେ। କିନ୍ତୁ ଭାଷଣ ରେ ସେ ମାଡମ ଯାହା କହିଲେ ,ଓଃ ହଠାତ୍ ତ ସେ ଜାଣି ପାରିଲାନି କଣ ଶୁଣିଛି ବୋଲି,କିନ୍ତୁ ସେଇ କଥା କୁ ସେ ଯେତେ ବେଳେ ଦୋହରାଇଲେ, ସେ ସଭାରେ ବସିଥିବା ମୁନି କୁ ଅନେଇଲା ହରି। ହଁ ମୁନି ଶୁଣିଛି ଏ କଥା। ଅନେଇଛି ବି ସେ,ସେ ମାଡମ ଙ୍କୁ।ବକ୍ତା କଣ କହିବେ ବୋଲି ହରି ଅପେକ୍ଷା କରିଥିଲା ଶୁଣିବାକୁ । ତାଙ୍କ ବକ୍ତବ୍ୟ ରେ ସେ ନିଶ୍ଚୟ କିଛି ଭଲ କଥା କହିବେ ଯୋଉଥିରୁ ମୁନି ବି ନିଶ୍ଚୟ ଅନେକ ଉତ୍ସାହିତ ହେବ,କିଛି ଅଡୁଆ ପରିସ୍ଥିତି କୁ ସାମ୍ନା କଲେ ନିଜକୁ ନିଜେ ରକ୍ଷା କରିବା ପାଇଁ ସାହାସ ପାଇବ ବକ୍ତବ୍ୟ ଶୁଣି । ବକ୍ତବ୍ୟ ଆରମ୍ଭ କରିବା ର ପରେ ପରେ ହିଁ ମାଡମ ଙ୍କ ବକ୍ତବ୍ୟ ଉତ୍ତ ?ଜିତ ହେବାରେ ଲାଗିଲା ।

ପିଲାମାନେ,ଯଦି କେତେବେଳେ ପୁଅ ମାନେ ତମର କିଛି କରିବା କଥା ଭାବିଲେ,ତେବେ ସେମାନଙ୍କ ଦୁଇ ଗୋଡ଼ ମଝିକୁ କସିକି ମାରିବ ଗୋଟେ ଗୋଇଠା।ଯେମିତି ଆଉ ସେମିତି କାମ କରିବାକୁ ମନ କରିବେନି କେବେ।ସେଇ ଅଙ୍ଗ କୁ ଧରି ହାଉଳି ହେଉଥିବେ। ନହେଲେ କରି କରି ସେମାନେ କଣ ଟା କରିଦେବେ ଯେ.... ରେପ କରିଦେବେ ତ, କରନ୍ତୁ। ଜମା ଚ଼ିନ୍ତା କରିବାର ନାହିଁ ,ଏ ଆଧୁନିକ ଯୁଗରେ କେତେ ପ୍ରକାର ମେଡ଼ିସିନ୍ ବାହାରିଲାଣି ।ଅନୱାଣ୍ଟେଡ ସେଭେଣ୍ଟି ଟୁ ଖାଇଦେବ , ବାସ୍ ...ସବୁ କ୍ଲିଅର୍।

ତା ପରେ ପରେ ସେ ଆହୁରି କଣ କଣ କହିଚ଼ାଲିଥିଲେ ହରି କିଛି ଶୁଣି ପାରୁ ନଥିଲା।ମୁନି ଓ ତା ପାଖରେ ବସିଥିବା ସେଇ ବୟସ ର ଝିଅ ମାନଙ୍କୁ ଅନାଇଲା ହରି। ସେମାନେ ଯାହା ଶୁଣିଲେ ସେ ବିଷୟ ରେ କେହି କଥା ହେଉଥିଲେ ତ କେହି ତଳକୁ ମୁହଁ ପୋତିଥିଲେ।କାହା କାହା ମୁହଁରେ ନୂଆ କଥା ଗୋଟେ ଜାଣିବାକୁ ପାଇଥିବାର ଉତ୍ସୁକତା ଥିଲା।

ସେ ଉଠି ପଡ଼ି କହିବ ଭାବିଲା,ଯଦି ଝିଅ ମାନଙ୍କର ରେପ୍ ହେଇ ଯିବାର ଥିଲା ତାହାଲେ ଏ ପ୍ରୋଗ୍ରାମ ଏ ଟ୍ରେନିଂ କଣ ପାଇଁ। ରେପ୍ କେମିତି ନ ହେବେ ସେ କୌଶଳ ଶିଖିବେ ନା ରେପ୍ ହେଇ ସାରିବା ପରେ ତା ସମାଧାନ କଣ ଅଛି ସେଇ ଶିକ୍ଷା ନେବେ ଏଠୁ।କିନ୍ତୁ ସାମ୍ନା ରେ ବରେଣ୍ୟ, ପ୍ରତିଷ୍ଠିତ ଓ ତା ଠାରୁ ଉଚ଼୍ଚ଼ ପଦବୀ ଧାରି ବ୍ୟକ୍ତି ସମୂହ ।ସେ ତ ପିଅନ ଟିଏ। ସେମାନେ ତ କେହି କିଛି କହୁ ନାହାଁନ୍ତି,ସାହାସ କରିପାରିଲାନି ଆଉ ।

ସଭା ସରିଲା ପରେ ପ୍ରିନ୍ସିପଲ ରୁମ୍ ରେ ଅନ୍ୟ କେହି ନ ଥିବା ବେଳେ ଯାଇ କହିଲା,ସାର୍ ଗୋଟେ କଥା କହିଥାନ୍ତି।

କଣ କୁହ

ସେ ମାଡମ ତାଙ୍କ ଭାଷଣ ରେ ଯାହା କହିଲେ,ପିଲା ମାନଙ୍କୁ ପରୋକ୍ଷ ରେ କି ପ୍ରକାର ପ୍ରୋତ୍ସାହନ ଦେଲେ ସେ।ସାନ ସାନ ପିଲା ମାନଙ୍କୁ କଣ ଜଣେଇଲେ ସେ ?ଆତ୍ମରକ୍ଷା କୌଶଳ ଶିକ୍ଷା ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଣ ଏଇୟା ?

ତମ ପୂର୍ବରୁ ଏ କଥା ସମସ୍ତଙ୍କ ଭିତରେ ଚ଼ର୍ଚ୍ଚା ହେଇ ସାରିଲାଣି ହରି ।ମୋ ତେ ଆହୁରି ଦୁଇ ଜଣ କହି ସାରିଲେଣି।

ଜଣେ ସାର୍ ସେଇ ସମୟ ରେ ପଶି ଆସିଲେ ପ୍ରିନ୍ସିପାଲ ରୁମକୁ।କହିଲେ ସାର୍,ସେ ମାଡମ ଙ୍କୁ ସୋ କଜ ନୋଟିସ ଦେଇ ଭୁଲ ସ୍ୱୀକାର କରିବାକୁ କୁହନ୍ତୁ। ଶଃ ମେଣ୍ଟାଲ ଟା ନା କଣ !

ଆରେ ସେ ଯେ ଏମିତି କହିବେ କିଏ ଜାଣିଥିଲା। ହଉ ଦେଖି,ଆଉ ତାଙ୍କୁ କୌଣସି ସଭା ରେ କହିବା ପାଇଁ ଦିଆ ଯିବନି।

ହରି ତ ସେଠୁ ଆସିଲା କିନ୍ତୁ ଘରକୁ ଆସିବା ପରେ ଏକଦମ ବିଚ଼ଳିତ। ତା ପର ଠାରୁ ଗୋଟେ ଅହେତୁକ ଭୟ ଓ ଅସ୍ଥିରତା ଯେମିତି ତାକୁ କବଳିତ କରି ରଖିଲା।ଦିନ କୁ ଦିନ ସେ ବେଶୀ ବେଶୀ ଅସ୍ଥିର ହେବାରେ ଲାଗିଲା। ବାରମ୍ବାର ସେ ମୁନି ର ସ୍କୁଲ ବ୍ୟାଗ୍, ମନି ପର୍ସ,ବିଛଣା ତଳ, ଅଣ୍ଡାଳିଲା। ଟିକେ କୋଉଠି ଡେରି ହେଲେ ତା ଆସିବାକୁ ନେଇ ମାତ୍ରାଧିକ ବ୍ୟସ୍ତ ହେଇ ପଡ଼ିଲା।

କଣ ହେଇଛି,ଏମିତି କାହିଁକି ହେଉଛ ?

ସ୍ତ୍ରୀ ସୁଷମା ପଚ଼ାରିଲା।

କିଛି ସମୟ ଗୁମ୍ ହେଇ ବସିବା ପରେ ହରି କହିଲା , ତୁ ସବୁବେଳେ ତାକୁ ଲକ୍ଷ୍ୟ ରଖିବୁ, ତା ସହ ତା ସାଙ୍ଗସାଥି ବିଷୟ ରେ କଥା ହେବୁ।

କଣ ହେଇଛି ସୁଷମା ଜିଦି କଲା ରୁ

କହିଲା ହରି।

ଆରେ ଏ ଔଷଧ କଥା ତ ମୁ ଜାଣିନି

ମୁ ବି ତ ଜାଣି ନ ଥିଲି।

ଏଇ ମାନେ ଶିକ୍ଷିତ ତ ..ଜାଣିଛନ୍ତି ନା..ଜଣଉଛନ୍ତି । ପୁଣି କାହାକୁ ...ନିଜ ଝିଅ ବୟସ ର ଝିଅ ମାନଙ୍କୁ।

ସୁଷମା ବୁଝାଇଲା,ତମେ ଶାନ୍ତ ହୁଅ। ମୁନି କୁ ନେଇ ତମେ ନିଶ୍ଚିତ ରୁହ ।

ସୁଷମା କଥା ରେ ହରି ଟିକେ ଉଶ୍ୱାସ ହେଲା।

ପଖାଳ ଗଣ୍ଡେ ଖାଇ ଅଗଣା ରେ ପଡ଼ିଥିବା ଦଉଡ଼ିଆ ଖଟିଆ ରେ ଟିକେ ଗଡି ପଡିଲା ସେ। ଜହ୍ନ କିରଣ ବି ପଡ଼ିଥିଲା ଅଗଣା ସାରା। ତା ଆଖି ମୁଦିମୁଦି ଆସୁଥିଲା।

ସେ ଦେଖିଲା ,ଏକ ସୁନ୍ଦର ଷ୍ଟେଜ୍, ଯୋଉଠି ସେ ଠିଆ ହେଇଛି ମାଇକ୍ରୋଫୋନ୍ ଧରି...ସାମ୍ନା ରେ ତାର ମୁନି ଓ ମୁନି ବୟସ ର ଅନେକ ଝିଅ।

ପିଲାମାନେ, ଆତ୍ମରକ୍ଷା ର ଅର୍ଥ ନିଜକୁ ନିଜେ ରକ୍ଷା କରିବା। କାହା ପାଖରୁ ? ନା ଯେ କୌଣସି ହିଂସା ପାଖରୁ। ଏ ହିଂସା ଯେ କେବଳ ପୁରୁଷ ପାଖରୁ ମିଳିବ ତା ନୁହେଁ ।ନାରୀ ବି ନାରୀ ର ଶତ୍ରୁ ହେଇ ପାରେ।

ଆତ୍ମ ରକ୍ଷା ର ଅର୍ଥ ନୁହେଁ ଯେ କୌଣସି ପ୍ରକାର ହିଂସା ର ଶିକାର ହେଇଯିବା,ଆଉ ଶିକାର ହେବା ପରେ ତାର ସମାଧାନ କୁ ଆପଣେଇବା।ଆତ୍ମ ରକ୍ଷା ର ଅର୍ଥ ହେଲା କିଛି ବି ଅନିଚ଼୍ଛୁକ କଥା ରୁ ନିଜକୁ ରକ୍ଷା କରିନେବା।

ମ୍ୟାଲେରିଆ ପାଇଁ ମେଡ଼ିସିନ୍ଅଛି, ତା ବୋଲି କଣ ତମେ ମାନେ ନିଜକୁ ମଶା କାମୁଡ଼ିବା ପାଇଁ ଛାଡ଼ିଦେବ। ହ.. ମ୍ୟାଲେରିଆ ହଉ,ଔଷଧ ତ ଅଛି।

ପିଲା ମାନେ ଏକ ସ୍ୱର ରେ କହୁଛନ୍ତି,

ନା ନା...

ହରି ଉତ୍ସାହିତ ହେଇ କହୁଛି କଣ କରିବ ତାହାଲେ...ମଶାରୀ ଟାଙ୍ଗି ଶୋଇବ ତ ?

- ହଁ... ହଁ ...

ସମସ୍ୟା ହେଲା ପରେ,ତାର ସମାଧାନ ଥାଇ ପାରେ କିନ୍ତୁ ତାହା ଯେତିକି ଶାରୀରିକ କ୍ଷତି କରେ ତା ଠାରୁ ଅଧିକ ମାନସିକ କ୍ଷତି କରିଥାଏ।

ଏମିତି ଅନେକ କ୍ଷେତ୍ର ରେ ଦେଖାଯାଏ ସାଙ୍ଗ ସାଙ୍ଗ ଭିତରେ ଝିଅ ମାନେ ମଧ୍ୟ ଝିଅ ମାନଙ୍କ ପ୍ରତି ହିଂସାତ୍ମକ ଆଚ଼ରଣ କରନ୍ତି ।ଶାଶୁ ବୋହୂ ସଂପର୍କ ରେ କେହି ବି କାହା ପ୍ରତି ହିଂସାତ୍ମକ ଆଚ଼ରଣ କରିପାରେ।ଛୋଟ ହେଉ କି ବଡ଼ କିଛିବି ଦୁର୍ଘଟଣା ଘଟିବା ପୂର୍ବରୁ ନିଜକୁ ରକ୍ଷା କରିନେବା ହିଁ ଆତ୍ମରକ୍ଷା ।ଏଇ କୌଶଳ ହିଁ ତମ ମାନଙ୍କୁ ଶିକ୍ଷା ଦିଆଯିବ।

ପୁଣି ନିଜକୁ ରକ୍ଷା କରି ପାରିବ କେତେବେଳେ,ଯେତେବେଳେ କି ତମେ ମାନେ ନିରୋଗ ଥିବ ।ଦେହରେ ଖୁବ୍ ଶକ୍ତି ଥିବ।ଆଉ ଏସବୁ ସମ୍ଭବ ହେଇ ପାରିବ ସଠିକ୍ ଆହାର, ବିହାର ଓ ଆଚ଼ାର।ଏସବୁ ବିଷୟରେ ଗୋଟେ ଗୋଟେ କରି କହୁଛି .. ଶୁଣ...

ବଦବଡଉ ଥିଲା ହରି।

ମୁନି ଡାକୁଥିଲା ବାପା..ବାପା। ମା ରୋଷେଇ ସାରିଲାଣି ଖାଇବ ଉଠ।

ଆଖି ଖୋଲିଲା ହରି। ପାଖରେ ବସିଥିବା ମୁନି କୁ ଦେଖି ତା ମୁଣ୍ଡ ସାଉଁଳେଇଲା।

-- ତୋ ନାନୀ ଯିବା ପରେ ମୁଁ ଭାରି ଦୁର୍ବଳ ହେଇ ପଡିଛି ରେ ମା, ଏ ଜଘନ୍ୟ ସମାଜ ରେ ତୋତେ ଆଉ ମୁଁ ହରେଇବାକୁ ଚ଼ାହୁଁନି ।

ଆଖି କୋଣ ରୁ ଦୁଇ ଧାର ଲୁହ ବହି ଆସୁଥିଲା ହରି ର। ପୋଛି ଦେଇ ମୁନି କହିଲା....ବାପା, ମୁ ଜାଣେ ତମେ କଣ ପାଇଁ ଏତେ ଚ଼ିନ୍ତା କରୁଛ। ନିହାତି ଅପ୍ରାସଙ୍ଗିକ ଥିଲା ସେ ମାଡମ ଙ୍କ କଥା।ସେମିତି କେବେ ବି କିଛି ହେବନି।ଆଉ ଦେଖିବ ଉଦଯାପନୀ ଉତ୍ସବ ବେଳକୁ ମୁ କେମିତି ମୋ ଶ୍ୱକ୍ଷବସଭସଭଶ ର ପରୀକ୍ଷା ଦେବି।

ଶୁଣିଥିଲି ଉଦଯାପନ ବେଳକୁ ଏ ସହର ରେ ଥିବା ମହିଳା ଏସ ପି ଆସିବେ।ଏବେ ତ ସମସ୍ତଙ୍କ ମୁହଁରେ ତାଙ୍କରି ପ୍ରଂଶସା ।

ମୋତେ ଆଶୀର୍ବାଦ କର ବାପା,ମୁ ତାଙ୍କ ପରି ହେଇପାରେ।ଆଉ କାହାକୁ ନିନୀ ନାନୀ ହେବାକୁ ନ ଦିଏ। ହରି ବଲବଲ୍ ହେଇ ଚ଼ାହିଁଲା ମୁନି ମୁହଁକୁ।

ମୁନି ମୁହଁରେ ଉକୁଟି ଉଠୁଥିଲା ମାତୃଶକ୍ତି ର ଅନେକ ରୂପ ।

*ଅୟେନା*
*ଶ୍ରିନିକ୍ସ ଇଞ୍ଜିନିୟରିଂ କଲେଜ ପାଖ*
*ଶ୍ରିକଣ୍ଠପୁର, ବାଲେଶ୍ୱର*

## ମାନବିକତାର ସ୍ପର୍ଶ

*ଆଦ୍ୟାଶା ମହାପାତ୍ର*



ଶ୍ରଦ୍ଧାରେ ଅନୁରାଗରେ
ଛୁଇଁଦିଅ ଥରେ
ଏଠାକାର କାକଟସ ମାନଙ୍କୁ
ଆକାଂକ୍ଷିତ ଜ୍ୱଳନ ଭିତରେ
ଭରିବାକୁ ଚେଷ୍ଟା କର ପ୍ରେମ
ସେମାନଙ୍କ ରୁକ୍ଷ ଅନ୍ତରେ
ବୁଭୁକ୍ଷୁ ଏ କଣ୍ଟାର ସହରେ
ବିଞ୍ଚିଦିଅ କିଛି ମମତା
ଝରିପଡୁ କଣ୍ଟା
ମାନବିକତାର ଫୁଲ ଫୁଟୁ
ସପ୍ତଫେଣୀ ଦେହରେ
ଦେଖିବ
ତୁମରି ସ୍ନିଗ୍ଧ ସ୍ପର୍ଶରେ
ଧୂସର ଏ ମରୀଚ଼ିକା
ପାଲଟି ଯାଇଥିବ
ସବୁଜ ମରୁଦ୍ୟାନରେ... ! ! !

*ନୂଆପଡା, କଟକ*

## ପ୍ରାରବ୍ଧ

*ରତ୍ନକାନ୍ତି ମିଶ୍ର*



ଏବେ ପ୍ରତ୍ୟୟ ହୋଇଛି
ମୋ ଦାମ୍ଭିକପଣ
ତୁମେ ହିଁ ଭାଙ୍ଗିଛ
ସମୟର ଛଦ୍ମବେଶରେ
ରିକ୍ତ ରେଖାଟିଏ ଆଙ୍କି ଯାଇଛ
ଅଦୃଶ୍ୟ ହାତରେ
ମୋ କପାଳରେ
ସନ୍ତର୍ପଣରେ ॥
ଗର୍ବୋନ୍ନତ ମିଛ ଅହମିକା
ମୋର ଖଣ୍ଡ ବିଖଣ୍ଡିତ
ଉପଲବ୍ଧି ତୁମରି ପ୍ରଭୁତ୍ୱ
ଅସହାୟ ଧୂଳିକଣାଟିଏ ମୁଁ
ମହାଶୂନ୍ୟେ ତ୍ରସଙ୍କୁ ସଦୃଶ
ଭାଙ୍ଗିବାକୁ ନାହିଁ ଆଉ କିଛି
ନତମସ୍ତକ ମୁଁ
ତୁମ ପାଦତଳେ
ଯବନିକା ଟାଣିଦିଅ ବାରେ
ମୋ ଜୀବନ ରେଖାରେ
ଦେଖିବାକୁ ଇଚ଼୍ଛା ମୋର
ଏ ଜନ୍ମର ସାୟାହ୍ନରେ
ତୁମରି ସ୍ୱାକ୍ଷର

*ଆଳି, କେନ୍ଦ୍ରାପଡା*

## ଜୀବନ ଗଣିତ

*କବିରତ୍ନ ନୂତନ କୁମାର ବେହେରା*



ଜୀବନ ଗଣିତ ସରଳ ଯେତିକି
ତା'ଠାରୁ କଠିନ ବେଶି
ଶୃଙ୍ଖଳାର ଧାରା ଓ ସୂତ୍ରକୁ ନେଇ
ସମାଧାନ କରିବାକୁ ହୁଏ କଷି କଷି
ହସ ଲୁହରେ କାନ୍ଦି ଅବା ହସି
ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ
ଧୈର୍ଯ୍ୟର ସାଥେ କରିବାକୁ ହୁଏ ବସି
ଏ ଗଣିତ ଅଙ୍କର ସମାହାର
ବଡ଼ ବଡ଼ ଆଶାର ସଂଖ୍ୟା ଗଢ଼ି
କରିବାକୁ ହୁଏ ସପନ ପୂରଣ
ହିସାବରେ ଚ଼ାଲେ ସବୁ ସଂପର୍କ
ବ୍ୟତିକ୍ରମରେ ହୁଏ ଅନର୍ଥ
ପାର୍ଥିବ ଭୋଗ ବିଳାସ ଐଶ୍ୱର୍ଯ୍ୟ
ସବୁ ଗୋଟେ ଗୋଟେ ଗଣନ ସଂଖ୍ୟା
ନାହିଁ ତାର ନିର୍ଦ୍ଦିଷ୍ଟ ବୃହତ୍ତମ
ପରିମେୟ ଅପିମେୟରେ ଗଢ଼ା
ତୁଳନାତ୍ମକଭାବେ ଫଳ ହୁଏ ନିର୍ଣ୍ଣୟ
ଜୀବନ ଗଢ଼ିବାକୁ ଜୀବନ ଗଣିତ
ଜାଣିବା ଶିଖିବା ଅତ୍ୟନ୍ତ ଜରୁରୀ
ଭୁଲ୍ ହୋଇଗଲେ ତାର ପ୍ରକ୍ରିୟା
ହୋଇଯାଏ ଅଡୁଆତଡୁଆ
ସଂଶୋଧନ କରିବା ଭାରି କଷ୍ଟସାଧ
ମୂଳରୁ ପାହାଚ଼ ପାହଚ଼ ସଜାଡ଼ି
କଷିବାକୁ ହୁଏ କରି ମନ ସ୍ଥିର
ଚ଼ଳ ଚ଼ଞ୍ଚଳ ବ୍ୟତିବ୍ୟସ୍ତରେ
କରି ଚ଼ାଲିଲେ ରହିଯାଏ ଅସମାହିତ
ପଛକୁ ଫେରି ହୁଏନା ସୁଧାରି
ଆଗକୁ ବଢ଼ି ପୁଣି କରିବାକୁ ହୁଏ
ଥିବା ଯାଏଁ ଜୀବନ ପରୀକ୍ଷାର ନିର୍ଘଣ୍ଟ
ଜୀବନ ଗଣିତର ଏ ସଂସାର
ଗୋଟିଏ ବିରାଟ ପୁସ୍ତକ
ନୈଦିନ ଆସେ ନୂଆ ନୂଆ ପ୍ରଶ୍ନ
ନ ଥାଇ ବି ପୂର୍ବାପର ସାମଂଜସ୍ୟ
ମାନସିକ ଦକ୍ଷତାକୁ ନେଇ
ନିଜ ନିଜ ପରିସରରେ କରିବାକୁ ହୁଏ
ତାର ଆଶୁ ସଠିକ୍ ସମାଧାନ
ଜୀବନ ଗଣିତ ହୋଇଗଲେ ଭୁଲ୍
ସବୁ କିଛି ହୋଇଯାଏ ବ୍ୟର୍ଥ
କରିବାକୁ ହୁଏ ଖାଲି ପରିତାପ
ନିର୍ଭୁଲ୍ ଉତ୍ତର ତାର ବାହାରେ ନାହିଁ
ପଶ୍ଚାତରେ କଲେ ବି ଅନୁତାପ।

*ବାରିପଦା, ମୟୂରଭଞ୍ଜ*

## ହୃଦୟର ମୂର୍ଚ୍ଛନା

*ସୁଧାକର ରାଉତ*



ତୁମ ଆବେଗ ସବୁକୁ
ଏକାଠି କରି
ତୁମ ଭଲପାଇବା ଓ
ପ୍ରତାରଣାକୁ ଫେଣ୍ଟି ଫାଣ୍ଟି
ତୁମ ପ୍ରଦତ୍ତ ଅନ୍ଧକାରରେ
ଟିକିଏ ଆଲୁଅର ବାସ୍ନା ଖୋଜି
ମୋର ଅପେକ୍ଷା ଆଉ ତୁମ
ଆକ୍ଷେପକୁ ହଜମ କରି
ତୁମ ସ୍ମୃତିର ଜହ୍ନ ରାତିରେ
ନିଜକୁ ହଜାଇ
ହୃଦୟର ମୂର୍ଚ୍ଛନାରେ ରାଗିଣୀ ତୋଳି
ମୃତ ଶବ୍ଦ ମାନଙ୍କୁ
ଜୀବନ ଦେଲି କବିତା ରୂପେ ।
ମୋ ଝୁରା ମନର ପ୍ରତିବିମ୍ବ
ତୁମ ଅଧରରେ ଶୋଭାପାଏ
କବିତା ପାଠରେ ।
ମୁଁ ଦୂରଦର୍ଶୀ ହୋଇ
ସମ୍ପର୍କର ଭଙ୍ଗା ପାଚେରୀକୁ ଯୋଡି
ପୁଣି ଅପରିଚ଼ିତ ଲାଗୁଥିବା
ତୁମ କାନ୍ଦୁରା ମୁହଁକୁ
କଳ୍ପନାରେ ଭିଡିଆଣି
ଆଖିର ଲୁହରେ
ଧୋଇ ଦିଏ
ନିଜର ଅନିଚ଼୍ଛା ସତ୍ତ୍ୱେ
ଖାଲି ନିଜର
କବିତାକୁ ଦ୍ୱାହି ଦେଇ,
ଫିଙ୍ଗିଥିବା ନିଆଁ ଝୁଲରେ
ଜଳିବା ପାଇଁ ନୁହେଁ ।

*ପ୍ରତାପ ନଗରୀ, କଟକ*
*ମୋ ୮୨୪୯୯୩୨୭୯୨*

## ମୋ ବୋଉ

***ରାଖାଲ ଚ଼ନ୍ଦ୍ର ସ୍ୱାଇଁ***

ମୋତେ ଯେ ଦେଇଛି ଯାଚ଼ି,ତା ଦେହରୁ,
ବାତ୍ସଲ୍ୟ ମମତା ବୋଳା
ରକ୍ତ ମାଂସ ସ୍ନାୟୁ।
ବକ୍ଷୋଜ ଅମୃତ ଯାର,
ମୋ ଦେହକୁ ଯୋଗାଇଛି ,
ସୁସ୍ଥ ସ୍ୱାସ୍ଥ୍ୟ, ବୁଦ୍ଧି,ବଳ,ଆୟୁ।
ସର୍ବଂସହା ହୋଇ ଯିଏ, ନିର୍ବିକାରେ
ସହିଯାଏ, ସବୁ କଷ୍ଟ ସବୁ ଦୁଃଖ ଦାଉ।
ସିଏ ମୋର ବୋଉ,
ସିଏ ମୋର ବୋଉ।୧।
ମୋ ଉଦର ଭରିଗଲେ,
ଭରିଯାଏ ଯାହାର ଉଦର।
ମୋ ଦୁଃଖରେ ଝରିଆସେ,
ଯା ଆଖିରୁ ରକ୍ତ ଭିଜା ଶ୍ରାବଣର ଧାର।
ଯିଏ ମୋ'ର ମୂଳ ଗୁରୁ,
ଅନ୍ଧାରରୁ ଦେଖାଏ ଆଲୋକ।
ଯିଏ ମୋତେ ଶିଖାଇଛି,ସତ୍ୟ, ନ୍ୟାୟ,
ଦୟା ,ଧର୍ମ, ସଂସ୍କାର, ବିବେକ।
ବିଶାଳ ହୃଦରୁ ଯାର ଝରୁଥାଏ ,
ମୋ ମଥାରେ,ଅବିଶ୍ରାନ୍ତ,
ଆଶୀଷର ମହୁ।୨।
ସିଏ ମୋ ବୋଉ,ସିଏ ମୋ ବୋଉ।
ମୋ ଅଝଟ ଦେଖି ଯିଏ,
ତୋଳି ଆଣେ ଆକାଶରୁ ଚ଼ାନ୍ଦ।
ଯା କୋଳ ଝୁଲଣା ଭରେ,
ମୋ ଆଖିରେ ଅସରନ୍ତି ନିଦ।
ମୋ ପାଇଁ ଯେ ସାଜେ ଦୁର୍ଗା,
ଆସେ ଯେବେ ମୋ ଆଗେ ପ୍ରମାଦ।
ଯା ହାତ ପରଷା ଅନ୍ନ,
ମୋ ଜିହ୍ୱରେ ଭରିଦିଏ ଅମୃତର ସ୍ୱାଦ।
ମୋ ଆଖିର ଲୁହ ଦେଖି,
ଯା ଆଖିରୁ ଝରି ପଡ଼ ? ,
ଯନ୍ତ୍ରଣାର କୋଟି ବୁନ୍ଦା ଲହୁ।
ସିଏ ମୋର ବୋଉ,
ସିଏ ମୋର ବୋଉ।୩।
ମୋ ପାଇଁ ସେ ପୁଣ୍ୟ ଗଙ୍ଗା,
ଗଭୀର ତା ପାରିବ କେ କଳି।
ଆବର୍ଜନା ଯେତେ ମୋର,
ପୁଣ୍ୟ ଦେହେ ହୋଇଛି ଯେ ବୋଳି।
ମୋ ପାଇଁ ସେ ମହାଲକ୍ଷ୍ମୀ,
ବୁଝେ ଯିଏ ମୋ ପେଟ ଯନ୍ତ୍ରଣା।
ମୋ ପାଇଁ ସେ ଦେବୀ ଦୁର୍ଗା,
ଯା ଚ଼ରଣେ ସବୁ ତୀର୍ଥ ଊଣା।
ଯିଏ ମୋ ଜନମଦାତ୍ରୀ,
ଯା ବିନା ମୋ ନାହିଁ ସ୍ଥିତି,
ସେ ପାଦଯୁଗଳେମୋରମଥା ରହିଥାଉ।
ସିଏ ମୋର ବୋଉ,
ସିଏ ମୋର ବୋଉ।୪।

*ଏଡଭୋକେଟ୍, ଭଦ୍ରକ*
*୯୩୩୭୬୨୩୬୮୫*

# ଉଧାର ଉପାଖ୍ୟାନ



**ସୁଦର୍ଶନ ମହାପାତ୍ର**

ଉଧାର ମାଗିବା ଏକ କଳା ବୋଲି ବିବେଚ଼ନା କରାଯାଇ ପାରେ। ସମସ୍ତେ ସେଥିରେ ସଫଳତା ହାସଲ କରି ପାରିବେନି। କାରଣ ଉଧାର ପାଇବାକୁ ହେଲେ ଜଣଙ୍କର ହୃଦୟ ଜିଣିବା ଦରକାର ନା ! ନିଜର କଥା କହିବାର ଶୈଳୀ,ଅଙ୍ଗଭଙ୍ଗୀ ଆଉ ଆବଶ୍ୟକ ସ୍ଥଳେ କୁମ୍ଭୀର ପରି ମିଛ ଅଶ୍ରୁ ଗଡାଇ ପାରିବାର ନିଆରା ଗୁଣ ସବୁ ଆୟତ୍ତ କରିବାକୁ ହୁଏ ।ତା ସହିତ ନିଜ ଭିତରେ ଗଭୀର ବିଶ୍ୱାସ, କିଛିଟା ଦରଦୀ ଭାବ ପୋଷଣ କରି ପାରିଲେ ଆହୁରି ସୁଫଳ ମିଳିଥାଏ ।ଏ ସବୁର ଅଧିକାରିଣୀ ସେଇ ସ୍ତ୍ରୀ ଲୋକ ଜଣକ ହୋଇଥିବେ ବୋଲି ମୋର ଧାରଣା। ନଚେତ୍ ସେଇ ଅଜଣା ସ୍ତ୍ରୀ ଲୋକକୁ ମୋ ପତ୍ନୀ ସୁରଭି ବିନା ଚ଼ିନ୍ତା ଭାବନାରେ ପାଞ୍ଚ ହଜାର ଟଙ୍କା ଅକାତରେ ଉଧାର ଦେଇଥାନ୍ତେ କେମିତି... ?

ଆମର ଜଣେ ଚ଼ିହ୍ନା ପରିଚ଼ିତ ଲୋକଙ୍କର ସେ ଖୁବ ପରିଚ଼ିତ ବୋଲି କହି ପତ୍ନୀଙ୍କ ସହିତ ସମ୍ପର୍କ ଯୋଡି ଦେଇଥିଲେ ପ୍ରଥମେ ଏବଂ କହିବା ବାହୁଲ୍ୟ ପାଞ୍ଚ ହଜାର ଟଙ୍କା ହାତେଇ ନେଇଥିଲେ ଏକ ମିଛ ମନଗଢା କାହାଣୀରେ। ମୁଁ ଅବଶ୍ୟ ତାଙ୍କୁ ଆଗରୁ ରାସ୍ତାରେ କେତେଥର ଦେଖିଛି। ଏକଥା ବି ଜାଣେ ସେ ସ୍ତ୍ରୀଲୋକ ପରିଡା ବାବୁଙ୍କ ଘରେ ଭଡାଟିଆ ଅଛନ୍ତି। ତାଙ୍କ ସ୍ୱାମୀ କେଉଁ ଅଫିସରେ କାମ କରନ୍ତି ବୋଲି ଜାଣିଛି ଯାହା। ଯେ କୌଣସି ବୁଲା ବିକାଳି ଆସିଲେ ସେ ସ୍ତ୍ରୀ ଲୋକ ନିଶ୍ଚୟ ଠିଆ ହୋଇ ଥିବାର ମୁଁ ଦେଖିଛି କେତେଥର। ଅବଶ୍ୟ ସେ ସେମାନଙ୍କ ଠାରୁ କେବେ ଜିନିଷ ପତ୍ର କିଣନ୍ତି କି ନାହିଁ ମୁଁ ଜାଣିନି।

ଏଥର ମୂଳ କଥାକୁ ଆସିଲେ ଭଲ ହେବ। କଥା ଦେଇ ଯାଇଥିବା ନିର୍ଦ୍ଧାରିତ ଦିନରେ ସେ ଯେତେବେଳେ ଆସିଲେ ନାହିଁ, କଥାଟା ମୋତେ ଯାଇଁ ଜଣାପଡିଥିଲା। ଗୋଟିଏ ବଡ଼ ଭୁଲ୍ ହୋଇଗଲା ବୋଲି ବାରମ୍ବାର ମୋ ଆଗରେ ନିଜକୁ ଧିକ୍କାର କରୁଥିଲେ ସୁରଭି। ଖୁବ୍ ବିଚ଼ଳିତ ଦେଖା ଯାଉଥିଲେ ସେଇ ଦିନ ପରଠାରୁ। ସ୍ୱଳ୍ପ ରୋଜଗାରରେ ଚ଼ଳୁଥିବା ତୃତୀୟ ଶ୍ରେଣୀ କର୍ମଚ଼ାରୀ ର ଦରମାକୁ ଚ଼ାହିଁ ର ?ହିଥାନ୍ତି ସମସ୍ତେ। ପୁଅ ଝିଅଙ୍କ ଟିୟୁସନ ସାର୍ ହେଉ ଅବା ପେପର ବାଲା ଅବା ଗାଁ ରେ ରହୁଥିବା ବାପା ମାଆ ।ମାସ ଆରମ୍ଭରୁ ପାଞ୍ଚ ହଜାର ଟଙ୍କା ହାତରୁ ଖସିଯିବା କିଛି କମ୍ କଥା ନୁହେଁ ଆମ ପାଇଁ।

'ସେ ନେଇଛନ୍ତି ମାନେ ଫେରେଇବେ ନିଶ୍ଚୟ। ତୁମ୍ଭେ ଜମା ବ୍ୟସ୍ତ ହେବା ଦରକାର ନାହିଁ। କାଳେ କିଛି ଅସୁବିଧା ଥିବ ବୋଲି ସେ ଆସି ନାହାନ୍ତି' ବୋଲି ମୁଁ ପତ୍ନୀଙ୍କୁ ଯେତେ ଆଶ୍ୱାସନା ଦେଲେ ବି ସେ ବୁଝୁନଥିଲେ। କାରଣ ଇତି ମଧ୍ୟରେ କାହାଠାରୁ ସେ ଖବର ପାଇଯାଇଥିଲେ ଯେ ସେ ସ୍ତ୍ରୀ ଲୋକ ବହୁତ ଲୋକଙ୍କ ଠାରୁ ଉଧାର ନେଇ ଆଉ ଠିକ୍ ଭାବରେ ଫେରଉନି ବୋଲି। ଏମିତିକି ଫେରିବାଲା ଙ୍କ ଠାରୁ କିଛି ଜିନିଷ କିଣି ଆଉ ଧରା ଛୁଆଁ ଦେଉନି। ତଥାପି ଆମେ କଥାବାର୍ତ୍ତା ହୋଇ ଆଉ କିଛି ଦିନ ଅପେକ୍ଷା କରିବାକୁ ଠିକ୍ କଲୁ। ହେଲେ ସେ ସମୟ ବି ଗଡିଗଲା ପରେ ସୁରଭି ହତୋତ୍ସାହିତ ହୋଇ ପଡିଲେ।

ମୋ ଅଜାଣତରେ ଦିନେ ସେ ପଚ଼ାରି ବୁଝି ତାଙ୍କ ଘରେ ପହଞ୍ଚିଲେ ଉଧାର ଆଦାୟ ପାଇଁ। ଘରେ ଥିଲେ ମଧ୍ୟ ସେ ସ୍ତ୍ରୀଲୋକ। ଏଇ ମାସ ଦଶ ତାରିଖରେ ତାଙ୍କ ସ୍ୱାମୀ ଦରମା ପାଇଲେ ପଇସା ଫେରେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ସୁରଭିଙ୍କୁ ବିଦା କଲେ। ସେଇ ଭରସାକୁ ସାଥିରେ ନେଇ ଫେରିବା ଶ୍ରେୟସ୍କର ହେଲା ଯାହା। ହେଲେ ଧାର୍ଯ୍ୟ ଦିନ ପୁଣି ଗଡିଗଲା ।

କିଛି ଦିନ ପରେ ମୋ ବାରଣ ସତ୍ତ୍ୱେ ସୁରଭି ପୁଣି ଥରେ ତା ଦୁଆରକୁ ଗଲେ । ତାଙ୍କୁ ଦେଖି ସେ ସ୍ତ୍ରୀଲୋକ ଦୁଇ କାନ ଧରି ଠିଆ ହୋଇଗଲେ। ' ମୋତେ ଆଉ ଦୁଇ ଦିନ ସମୟ ଦିଅ । ଯୁଡିଆ ଓଷାକୁ ମୋ ଭାଇ ଆସିବ। ମୁଁ ଟଙ୍କା ନେଇ ଫେରେଇ ଦେଇ ଆସିବି' ବୋଲି ଠାକୁରଙ୍କ ନାଁ ରେ ରାଣ ଖାଇ ସୁରଭି ଙ୍କୁ ଖାଲି ହାତରେ ଫେରାଇ ଦେଲେ। କେତେ ଜଣ ପଡୋଶୀ ସୁରଭି ଙ୍କୁ ତାଙ୍କ ଘରକୁ ଯିବା ଆସିବା ସମୟରେ ଦେଖି ସାରିଥିଲେ। ' ଟଙ୍କା ଉଧାର ନେଇଛି କି ସେ ସ୍ତ୍ରୀଲୋକ ?' ନିଜ ଆଡୁ ହସି ହସି ପଚ଼ାରିଲେ ଜଣେ ପଡୋଶିନୀ। -' କିଏ ସିନା ଶହେ କି ଦୁଇଶହ ଧାର ଦିଏ । ଏତେ ଗୁଡିଏ ଟଙ୍କା କେମିତି ଦେଇଦେଲ ? ସିଏ ପରା ଲୋକଙ୍କ ଠାରୁ ପୁରୁଣା ଲୁଗା ସବୁ ମାଗିନେଇ ତା ବଦଳରେ ବେପାରୀଙ୍କ ଠାରୁ ଜିନିଷ ରଖେ !' ଛିଗୁଲାଇଲା ଭଳି କହିଲେ ଅନୁସନ୍ଧାନୀ ପଡୋଶିନୀ ଜଣକ।

କ୍ରମେ ଘଟଣାଟି ପ୍ରଚ଼ାରିତ ହୋଇଗଲା ଆଖପାଖରେ ।ଆମରି କଲୋନୀରେ ରହୁଥିବା ଦାସ ବାବୁ ଦିନେ ଦେଖା ହୋଇ ସେ ବିଷୟରେ ପଚ଼ାରିଲେ। ସବୁ କଥା ଶୁଣି ସେ ପଇସା ଆଦାୟ କରିଦେବେ ବୋଲି ମୋତେ ଭରସା ଦେଲେ। ମୁଁ ଜାଣେ ସେ ଟିକେ କଠୋର କଥା କୁହନ୍ତି। ହେଲେ ନିହାତି ଅସମାଜିକ ନୁହଁନ୍ତି।-' ଆମ ପାଇଁ ଆପଣ କାହିଁକି ହଇରାଣ ହେବେ ? ଛାଡନ୍ତୁ ସେ କଥା। ସେ ସ୍ତ୍ରୀଲୋକଟି ସହିତ ମୁଁ ଯାଇ ଝଗଡା କରି ପାରିବିନି ।ଲୋକେ କ'ଣ କହିବେ ? ଆପଣ ବି ଛାଡନ୍ତୁ।' ଦାସବାବୁଙ୍କୁ ତାଙ୍କ ଚେଷ୍ଟାରୁ ନିବୃତ୍ତ କରାଇବାକୁ ଚେଷ୍ଟା କଲି। ଦାସ ବାବୁଙ୍କ ଠାରୁ ବୁଝିଲି କେଉଁ ଧୂପକାଠି ଇଣ୍ଡଷ୍ଟ୍ରି ରେ ସେ ସ୍ତ୍ରୀଲୋକର ସ୍ୱାମୀ ଗାଡି ଡ୍ରାଇଭର ଭାବରେ କାମ କରୁଛି ବୋଲି । ଚେଷ୍ଟା କରି ଦିନେ ତାଙ୍କୁ ଭେଟି ସବୁ କଥା କହିଲି। ସେ ଯେମିତି ମୋ ଉପରେ ଚ଼ିହିଁକି ଉଠିଲେ।-' ପଇସା ଦେଲା ବେଳେ ମୋତେ ପଚ଼ାରି କରି ଦେଇଥିଲ ? ତୁମେ କିଏ ମୋତେ କହିବାକୁ ?' ଏତିକି କଥାରେ ମୁଁ ସେଠୁ ବାହାରି ଆସିଲି।

ଦିନେ ସଂଧ୍ୟାରେ ସେ ସ୍ତ୍ରୀଲୋକୁ ସାଙ୍ଗରେ ଧରି ଦାସବାବୁ ଆମ ଘରକୁ ଆସିଲେ। ମୁଁ ଘରେ ନଥିଲି। ଦୁଇ ଦିନ ଭିତରେ ସେ ସ୍ତ୍ରୀଲୋକ ପଇସା ଆଣି ଦେଇଯିବ ବୋଲି ଦାସ ବାବୁ ଯେମିତି ବିଶ୍ୱାସର ସହ କହିଲେ। ସମସ୍ତଙ୍କ ସାମ୍ନାରେ ତାକୁ ବହୁତ ଗାଳି ଏବଂ ଅପମାନ ଦେଲାଭଳି କଥା କହୁଥିଲେ ଦାସ ବାବୁ। ମିଟିଂ ବସାଇ ସେଇ ଘରୁ ତାକୁ ବାହାର କରି ଦେବାକୁ ଧମକ ମଧ୍ୟ ଦେଲେ । ସତକୁ ସତ ଦୁଇଦିନ ପୁରୁଥିବା ରାତିରେ ସେ ସ୍ତ୍ରୀଲୋକ ଆଣି ଆମଘରେ ଟଙ୍କା ଦେଇଗଲେ।

ହେଲେ ପରଦିନ ସନ୍ଧ୍ୟାରେ ଘଟିଲା ଆଚ଼ମ୍ବିତ ଘଟଣା। ପୋଲିସ ଆମ କଲୋନୀକୁ ଆସି ଦାସ ବାବୁଙ୍କୁ ଖୋଜୁଥିଲେ।ବୁଝିଲା ବେଳକୁ ଦାସ ବାବୁଙ୍କ ନାଁରେ ଏତଲା ଦେଇଛନ୍ତି ସେ ସ୍ତ୍ରୀଲୋକର ସ୍ୱାମୀ।ଦାସ ବାବୁ କୁଆଡେ ସେ ସ୍ତ୍ରୀଲୋକର ଘରେ ପଶି ମାଡ ମାରି ଲହୁ ଲୁହାଣ କରି ଟଙ୍କା ଆଦାୟ କରିଛନ୍ତି। 'ହେଲେ ସେ ସ୍ତ୍ରୀଲୋକ ନିଜେ ତ ଟଙ୍କା ଧରି ଆସିଥିଲେ ଏବଂ ଦେହରେ ମାଡର ଦାଗ ଆଦୌ ନଥିଲା !' ପତ୍ନୀ ଅନ୍ୟ ପଡୋଶିନୀ ମାନଙ୍କ ଗହଣରେ ସଫେଇ ଦେବାକୁ ଚେଷ୍ଟା କରୁଥିଲେ। ସୁରଭି ଏସବୁ ଘଟଣାରେ ଖୁବ୍ ବିଚ଼ଳିତ ହୋଇ ପଡିଥିଲେ। ରାତିରେ ଠିକ୍ ନିଦ ବି ଆସୁନଥିଲା ନିଜ କୃତକର୍ମ ମନରେ ଭାଳି। ଯେତେ ବୁଝାଇଲେ ବି ସେ ଶାନ୍ତିରେ ଯେମିତି ନିଃଶ୍ୱାସ ନେଇ ପାରୁନଥିଲେ।

ଦାସ ବାବୁ ଫେରିଲେ ଦୁଇ ଦିନ ପରେ। ସତକଥା କ'ଣ ସମସ୍ତଙ୍କୁ ଜଣାପଡିଲା ସେତେବେଳକୁ। ଏତଲା ଦେଇଥିବା ଗୋଟିଏ ଦିନ ଆଗରୁ ଦାସବାବୁ (ସସ୍ତ୍ରୀକ)ତାଙ୍କ ଝିଅ ପାଖକୁ ରାଉରକେଲା ଯାଇଥିଲେ। ସେ ସ୍ତ୍ରୀଲୋକ ତା ସ୍ୱାମୀ ଲୁଚ଼ାଇ ରଖିଥିବା ପଇସାକୁ ଆଣି ଉଧାର ଶୁଝି ଦେଇଥିବା ଯୋଗୁଁ ମଦୁଆ ସ୍ୱାମୀ ଠାରୁ ମାଡ ଖାଇ ଲହୁ ଲୁହାଣ ହୋଇଛି ବୋଲି ନିଜେ ପୋଲିସ ଆଗରେ ମାନିଲା।

ଆହାଃ,ବିଚ଼ରା ସ୍ତ୍ରୀଲୋକ ! ସବୁ ଘଟଣା ଶୁଣି ସାରିବା ପରେ ସମବେଦନାରେ ଯେମିତି ଆପ୍ଳୁତ ହୋଇ ଉଠୁଥିଲେ ସୁରଭି... ! ! !

*କୁଞ୍ଜବିହାରୀ ଲେନ, କଟକ*




# ସିଜିନାଲ ଆଫେକ୍ଟିଭ ଡିସ୍‌ଅର୍ଡ଼ର



ବହୁତ ଦିନ ପରେ ସୁଜିତ ବନ୍ଧୁ ମହେଶ ଆସିଥିଲେ କଟକ ବୁଲିବା ପାଇଁ। ତାଙ୍କ ବ୍ୟବସାୟିକ ସଂସ୍ଥାର ଶୀତରତୁ ଜନିତ ଛୁଟି ଥିବାରୁ କିଛି ଦିନ କାଟିବା ପାଇଁ ଆସିଥିଲେ କଟକ। ତେବେ କେଜାଣି କାହିଁକି ତାଙ୍କୁ ପ୍ରଥମେ ପ୍ରଥମେ ତ ଭଲ ଲାଗୁଥିଲା ପରେ କିନ୍ତୁ ତାଙ୍କ ମୁଡ଼ ଖରାପ ଲାଗିବା ସହ ଠିକ ସମୟରେ ଖାଦ୍ୟ ଗ୍ରହଣ କଲେନି ଏବଂ ଶେଷକୁ ଏକପ୍ରକାର ଚିଡ଼ଚିଡ଼ା ସ୍ୱଭାବର ସେ ହୋଇଗଲେ। ମୋ ପରାମର୍ଶ ନେବା ପରେ ମୁଁ ବନ୍ଧୁ ସୁଜିତକୁ କହିଲି ସିଜିନାଲ ଆଫେକ୍ଟିଭ ଡିସଅର୍ଡ଼ର ହେଉଛି ମାନସିକ ଅବସାଦ ଭଳି ଗୋଟିଏ ସମସ୍ୟା, ଯାହା ରତୁର ପ୍ରଭାବ ଅନୁଯାୟୀ ହୋଇଥାଏ। ଏହା ମୁଖ୍ୟତଃ ଶୀତରତୁର ଆରମ୍ଭ ବା ଶେଷ ଭାଗରେ ଆରମ୍ଭ ହୋଇ ବସନ୍ତ ବା ଗ୍ରୀଷ୍ମ ବେଳକୁ ଆପେ ଆପେ ଠିକ୍ ହୋଇଯାଏ। କିନ୍ତୁ କେତେଜଣଙ୍କ କ୍ଷେତ୍ରରେ ଏହା ରତୁକାଳୀନ ଅବସାଦ ଭାବେ ଦେଖାଦେଇଥାଏ। ଏହାକୁ ମନୋଚିକିତ୍ସକମାନେ ଏସଏଡି ବୋଲି କହିଥାନ୍ତି। ଏହା ମାନସିକ ରୋଗ ସାଧାରଣତଃ ଅଧିକ ବୟସର ଯୁବକଙ୍କ ମଧ୍ୟରେ ଦେଖାଯାଇଥାଏ। ପୁରୁଷଙ୍କ ତୁଳନାରେ ମହିଳାମାନେ ଏହି ସମସ୍ୟାରେ ଅଧିକ ପୀଡ଼ିତ ହୋଇଥାନ୍ତି। ଏହାର ଲକ୍ଷଣ ହେଉଛି ଲଗାତାର ମୁଡ଼ ଖରାପ ହେବା, ଦୈନନ୍ଦିନ କାମରେ ରୁଚି ନରଖିବା, ଚିଡ଼ିଚିଡ଼ା ଲାଗିବା, ନିରାଶା, ଅପରାଧବୋଧ, ନିଜକୁ ବିଫଳ ଭାବିବା, ଦିନରେ ଅଳସୁଆ ଓ ନିଦ ଲାଗିବା, ଅଧିକ ସମୟ ଶୋଇ ରହିବା, ନିଜ ଶରୀର ପ୍ରତି ଦୃଷ୍ଟି ନଦେବା ଇତ୍ୟାଦି। ଆଜି ପର୍ଯ୍ୟନ୍ତ ଏସଏଡିର ସଠିକ କାରଣ ଜଣାପଡ଼ିନଥିଲେ ମଧ ମନୋବିଜ୍ଞାନୀମାନେ ଗବେଷଣା କରିଛନ୍ତି ଯେ ମସ୍ତିଷ୍କରେ କିଛି ହରମୋନ ଅସନ୍ତୁଳନ ଯୋଗୁଁ ଏସଏଡି ଭଳି ସମସ୍ୟା ସୃଷ୍ଟି ହୁଏ। ଶୀତଦିନରେ ସୂର୍ଯ୍ୟରଶ୍ମି କମ୍ ହେବା କାରଣରୁ ମସ୍ତିଷ୍କରେ ସେରୋଟୋନିନ୍ ନାମକ ହରମୋନ କମ ହୋଇଥାଏ। ଏହି ହରମୋନ ମୁଡ଼କୁ ନିୟନ୍ତ୍ରଣ କରିଥାଏ। ଯେତେବେଳେ ମୁଡ଼କୁ ନିୟନ୍ତ୍ରଣ କରୁଥିବା କୋଷିକା ଓ ହରମୋନ କାର୍ଯ୍ୟ କରିବା ହ୍ରାସ କରେ, ସେତେବେଳେ ଥକ୍କାପଣ ଓ ଅବସାଦର ଭାବନା ସୃଷ୍ଟି ହୁଏ।





ପ୍ରକାଶ ଚିକିତ୍ସା ଦ୍ୱାରା କିଛି ମାତ୍ରାରେ ଏସଏଡି ଦୂର ହୋଇଥାଏ। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଆଲୋକ ଚିକିତ୍ସା ଫଳପ୍ରଦ ହୋଇନଥାଏ। ସେଭଳି ବ୍ୟକ୍ତିଙ୍କୁ ଆଣ୍ଟିଡିପ୍ରେସନ ଔଷଧ ଦିଆଯାଏ। ଘରୋଇ ଚିକିତ୍ସାରେ ସକାଳ ଭ୍ରମଣ, ଶୀତଦିନରେ ଅଧିକ ପାଣି ପିଇବା ଓ ଖରାରେ କିଛି ହାଲକା ବ୍ୟାୟାମ କରିବା ଦ୍ୱାରା ସିଜିନାଲ ଆଫେକ୍ଟିଭ ଡିସଅର୍ଡ଼ର ବା ଏସଏଡ଼ି ଭଳି ମାନସିକ ସମସ୍ୟାକୁ ଦୂରେଇ ହେବ।

ଏହି ରୋଗକୁ ଏକ ଜଟିଳ ମାନସିକ ରୋଗ ବୋଲି ଭାବନ୍ତୁ ନାହିଁ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଏକ ରୁଟିନ ଜୀବନ ତିଆରି କରନ୍ତୁ। ଯୋଗ, ପ୍ରାଣାୟମଠାରୁ ସୁଷମ ଖାଦ୍ୟ ସବୁଠାରୁ ଭଲ। କୌଣସି ପରିସ୍ଥିତିରେ ବି ନିଶାଦ୍ରବ୍ୟ ଗ୍ରହଣ କରନ୍ତୁନାହିଁ। ଡାକ୍ତରୀ ପରାମର୍ଶ ଓ ଆପଣଙ୍କ ଉପରେ ଆପଣଙ୍କ ଭରସା ହିଁ ସବୁକିଛି। ଦେଖିବେ ରୋଗୀଟି ଏହି ସମସ୍ୟାରୁ ମୁକ୍ତି ପାଇପାରିବ।

**—ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩**

## ଦୁଇଦିନ ଧରି ଅନୁଷ୍ଠିତ ହେଲା ଦିଶା କମିଟି ବୈଠକ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାମ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ଜିଲ୍ଲାବାସୀଙ୍କ ଜୀବନ ଜୀବିକା ଆଦି ବିଷୟ ଉପରେ ସମୀକ୍ଷା କରି ବିଧାୟକ, ଜିଲ୍ଲାପାଳ, ଲୋକପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କଠାରୁ ମତାମତ ଲୋଡ଼ିଥିଲେ। ତେବେ ଜିଲ୍ଲାର ସାମୂହିକ ବିକାଶ ଉପରେ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଜଳେଶ୍ୱର ବିଧାୟକ ତଥା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଶିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବସ୍ତା ବିଧାୟକ ପର୍ଶୁରାମ ଧଡ଼ାଙ୍କ ସହ ଅଧାରୁ ଅଧିକ ଲୋକ ଏଥିରେ ଉପସ୍ଥିତ ନ ଥିଲେ। ଧାମନଗର ଉପନିର୍ବାଚନ ପ୍ରଚାର ଆଳରେ ନେତାମାନେ ବୈଠକରେ ଅନୁପସ୍ଥିତ ଥିବା ଦେଖି ଭଦ୍ରକ ସାଂସଦ ଏଥିପାଇଁ ଆଗୁଆ ଚିଠି ଲେଖି ଜଣାଇଥିଲେ। ଏହି ବୈଠକରେ ଯୋଗ ନ ଦେବାରୁ ବିଧାୟକମାନେ ପ୍ରତିନିଧିତ୍ୱ କରୁଥିବା ସଂପୃକ୍ତ ଅଞ୍ଚଳର ସମସ୍ୟା, ସରକାରୀ ଯୋଜନାର କାର୍ଯକାରିତା, ସଫଳତା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୈଠକରେ ଆଲୋଚନା ହୋଇପାରିଲା ନାହିଁ। ସରକାରଙ୍କ ସମସ୍ତ ଜନହିତକର ଯୋଜନାର ସୁଫଳ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଉତମ ସମନ୍ୱୟ ରକ୍ଷାକରିବାକୁ ଶ୍ରୀ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ସ୍ୱରୁପ କୁମାର ଦାସ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରେମୁଣା ବିଧାୟକ ସୁଧାଂଶୁଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବେଆଇନ ବାଣ ଦୋକାନ ଉପରେ ଚଢ଼ଉ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ଗୋପବନ୍ଧୁ ଛକରେ ଥିବା ଏକ ବେଆଇନ ବାଣ ଦୋକାନ ଉପରେ ଗତ ୨୩ ତାରିଖ ସଂଧ୍ୟାରେ ଜାରକା ବିଟ୍ ହାଉସ୍ ପୁଲିସ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ପୁଲିସ୍ ବାଣ ଜବତ କରିବା ସହିତ ବେପାରୀଙ୍କୁ ଥାନାକୁ ଧରି ନେଇଥିଲା। ଜାରକା ମେଳଣ ପଡ଼ିଆରେ ବାଣ ବିକ୍ରି ପାଇଁ ସ୍ଥାନ ନିରୂପଣ ହୋଇଥିବା ବେଳେ ବାଣ ବେପାରୀମାନେ ପ୍ରଶାସନିକ ଅନୁମତି ନେଇ ସେଠାରେ ବାଣ ବେପାର କରୁଥିଲେ। ମାତ୍ର ଗୋପବନ୍ଧୁ ଛକରେ ବିନା ଲାଇସେନ୍ସରେ ବାଣ ବ୍ୟବସାୟ ହେଉଥିବା ଖବର ପାଇ ଜାରକା ବିଟ୍ ହାଉସ୍ ପୁଲିସ୍ ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ ସଦଳବଳେ ଚଢ଼ଉ କରିଥିଲେ। ବାଣ ସହିତ ବେପାରୀଙ୍କୁ ଥାନାକୁ ଧରି ନେଇଥିଲେ। ସେହିପରି ବିଭିନ୍ନ ଛକ ବଜାର ଓ ଗ୍ରାମାଞ୍ଚଳରେ ଥିବା ଦୋକାନରେ ବେଆଇନ ଭାବେ ବାଣ ବେପାର ହେଉଥିବା ଦେଖିବାକୁ ମିଳିଥିଲା। ଦାୟିତ୍ୱରେ ଥିବା କେତେକ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ବାଣ ଭେଟିଦେଇ ଏହି ବେଆଇନ ବେପାର ହେଉଥିବା ଅଭିଯୋଗ ହୋଇଛି। ଧର୍ମଶାଳା ଅଞ୍ଚଳରେ ବେଆଇନ ବାଣ ବ୍ୟବସାୟ ରୋକିବାରେ ପ୍ରଶାସନ ବିଫଳ ହୋଇଥିବା ଜଣାପଡ଼ିଛି।

### ଚୋରି ବାଇକ ଉଦ୍ଧାର, ଜଣେ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଗ୍ରାମରୁ ଚୋରୀ ହୋଇଥିବା ବାଇକକୁ ଉଦ୍ଧାର କରିବା ସହ ଚୋରୀରେ ସମ୍ପୃକ୍ତ ଜଣକୁ ପୁଲିସ ଗିରଫ କରିଛି। କମ୍ପାଲୁ ଗ୍ରାମର ଅଜୟ କୁମାର ସାହୁଙ୍କ ଘର ନିକଟରେ ରଖାଯାଇଥିବା ଓଡି-୩୪-ଇ-୩୨୮୬ନଂ ଗ୍ଲାମର ବାଇକଟିକୁ କେହି ଦୁର୍ବୃତ ଚୋରୀ କରି ନେଇଥିଲେ। ଏନେଇ ଅଜୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୯୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ବଡଚଣା ଥାନା କୋହ୍ଲସିଂ ଗ୍ରାମର ମାଧବ ଓଝା (୨୮)ଙ୍କ ଘରୁ ବାଇକଟିକୁ ଉଦ୍ଧାର କରିବା ସହ ତାକୁ ଗିରଫ କରିଥିଲା। ଅଭିଯୁକ୍ତ ମାଧବକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ଜାରକା ଅଂଚଳରୁ ଟ୍ରକ ଚୋରି ଘଟଣାରେ ୫ ଅଟକ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅଧିନ ଜାରକା ଫାଣ୍ଡି ନିକଟସ୍ଥ ଜଳଧର ସାହୁଙ୍କ ଘର ଆଗରେ ଗତ ମାସ ୨୭ ତାରିଖରେ ରଖାଯାଇଥିବା ତାଙ୍କର ଟିପର ଗାଡି ଚୋରୀ ଘଟଣାରେ ପୁଲିସ ୫ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି। ସୂଚନା ମୁତାବକ ଗତ ୨୭ ତାରିଖ ରାତିରେ ଡ୍ରାଇଭର ଗାଡି ମାଲିକ ଶ୍ରୀ ସାହୁଙ୍କ ଘର ନିକଟରେ ଓଆର-୦୯-ଡି-୯୪୭୬ ଡର ଗାଡିକୁ ରଖି ଘରକୁ ଯାଇଥିଲା। ତେବେ ସକାଳୁ ଏହି ଗାଡିଟି ସେଠାରେ ନଥିବା ମାଲିକ ଜାଣିବା ପରେ ସିସିଟିଭି ଯାଂଚ କରିଥିଲେ। ଫୁଟେଜରେ ରାତି ସାଢ଼େ ୩ଟାରେ ୨ଜଣ ଦୁର୍ବୃତ ଗାଡି ଡୋର ଭାଙ୍ଗି ଟିପର ଗାଡିକୁ ଚୋରୀ କରି ନେଇଥିବା ଜଣାପଡିଥିଲା। ଏନେଇ ଗାଡି ମାଲିକ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ପୁଲିସ ଏହି ଘଟଣାରେ ୫ଜଣ ଦୁର୍ବୃତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ଏ ସମ୍ପର୍କରେ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି।

## ଅର୍ଚ୍ଚନା ନାଗ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଯୁବ କଂଗ୍ରେସର ଦାବିପତ୍ର

ଭୁବନେଶ୍ୱର (ପିଏନ୍)- ଅର୍ଚ୍ଚନା ନାଗ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ଆନ୍ଦୋଳନର ସ୍ୱରକୁ ଅଧିକ ତେଜିଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଅର୍ଚ୍ଚନାଙ୍କ ସମ୍ପର୍କରେ ରହିଥିବା ରାଜ୍ୟ ସରକାରଙ୍କ ନେତା, ମନ୍ତ୍ରୀ ଓ ବିଧାୟକଙ୍କ ସମେତ ପ୍ରଭାବଶାଳୀ ଅଧିକାରୀମାନଙ୍କ ପର୍ଦ୍ଦାଫାସ, ଅର୍ଚ୍ଚନାଙ୍କୁ ମିଳିଥିବା ସରକାରୀ ଆନୁଗତ୍ୟ ଓ ତାଙ୍କ ପଛରେ ଖର୍ଚ୍ଚ କରାଯାଇଥିବା ବିପୁଳ କଳାଧନର ତଥ୍ୟ ଉନ୍ମୋଚିତ ହେବା ଆବଶ୍ୟକ। ପୋଲିସ ଏସବୁ ଦିଗକୁ ନିରପେକ୍ଷ ଭାବେ ତଦନ୍ତ କରିବା ଦାବିରେ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦ୍ୱୈତ ନଗରୀ ପୋଲିସ କମିଶନରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଡ. ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ପ୍ଲାକାର୍ଡ ଧରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ।

ଏ ସମ୍ପର୍କରେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା କହିଛନ୍ତି ଯେ, ଅର୍ଚ୍ଚନା ନାଗ ମାମଲା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ବହୁ ନେତା, ମନ୍ତ୍ରୀ, ବିଧାୟକ, ସରକାରୀ ଅଫିସର, ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅର୍ଚ୍ଚନାଙ୍କ ସମ୍ପର୍କ ରହିଥିବା ସୂଚନା ମିଳୁଛି। ଏପରିକି ଥାର୍ଡ ଫ୍ଲୋରକୁ ମଧ ଅର୍ଚ୍ଚନାଙ୍କ ଅବାଧ ପ୍ରବେଶ ଅନୁମତି ରହିଥିବା ଅଭିଯୋଗ ହେଉଛି। ଅର୍ଚ୍ଚନାଙ୍କ ପଛରେ ସରକାରୀକଳର ଅପବ୍ୟବହାର କରାଯିବା ସହ ବହୁ କଳାଧନ ବିନିଯୋଗ କରାଯାଇଛି। ତେଣୁ ଘଟଣାର ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି। ରାଜ୍ୟରେ ଗରିବ ଜନସାଧାରଣ ପେଟପାଟଣା ପାଇଁ ପ୍ରତିଦିନ ସଂଘର୍ଷ କରୁଥିବାବେଳେ ଜନପ୍ରତିନିଧିମାନେ ଅର୍ଚ୍ଚନା ନାଗଙ୍କ ଭଳି ମହିଳାଙ୍କ ପଛରେ କୋଟି କୋଟି ଟଙ୍କା ଦୁରୁପଯୋଗ କରିବା ଓ ତାଙ୍କୁ ବିଭିନ୍ନ ପ୍ରକାର ସରକାରୀ ପ୍ରୋତ୍ସାହନ ପ୍ରଦାନ କରିବା ନିଶ୍ଚିତ ଭାବେ ନିନ୍ଦନୀୟ। ତେଣୁ ପୋଲିସ କୌଣସି ପ୍ରକାର ଚାପର ବଶବର୍ତୀ ନ ହୋଇ ଏହାର ଉପଯୁକ୍ତ ତଦନ୍ତ କରି ପ୍ରକୃତ ସତ୍ୟ ଉନ୍ମୋଚନ କରିବା ସହ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ତଥା ସହପ୍ରଭାରୀ ଅଭିନବ ଭଗତ, କୃଷ୍ଣ ମହାନ୍ତି, ରଂଜିତ ପାତ୍ର, ଜ୍ଞାନେନ୍ଦ୍ର ଦାସ, ଜ୍ଞାନରଂଜନ ରାଉତ, ସୁବ୍ରତ ବେହୁରା, ସୁଦୀପ ସାମଲ, ବିଶ୍ୱଜିତ ଲେଙ୍କା, ମାନସ ସାହୁ, ସ୍ୱାଗତ କର, ତପନ କାଣ୍ଡି, ରିତୁଲ ମହାରଣା, ମହମ୍ମଦ ଆସିଫ, ନଳିନୀ ନାୟକ, ସୁନେଶ ଧୀର, ସୁରଜ, ଇଲିୟସ ଅଲ୍ଲି, ଶିବଦତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜଳ ହୋଇଯିବ ଜହର ! ସ୍ଥାୟୀ ବିସର୍ଜନ କୁଣ୍ଡ ନିର୍ମାଣ ପାଇଁ ଉଠିଲା ଦାବୀ

ଭୁବନେଶ୍ୱର (ପିଏନ୍): ଦିନକୁ ଦିନ ସ୍ମାର୍ଟ ନଗରୀ ଭୁବନେଶ୍ୱର ମଧ୍ୟରେ ରହିଥିବା ନଦୀ, ପୁଷ୍କରିଣୀ ଏବଂ ଅନ୍ୟାନ୍ୟ ଜଳାଶୟ ଗୁଡ଼ିକ ଧୀରେ ଧୀରେ ପ୍ରଦୂଷିତ ହେବାରେ ଲାଗିଛି। ଏ ନେଇ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ସୁଦ୍ଧା କ'ଣ ହେବ। ଯଥା ପୂର୍ବଂ ତଥା ପରଂ। ଯାହାକୁ ତାହା। ଲକ୍ଷ୍ୟ କଲେ ଜଣାପଡ଼େ, ଏଠି ପ୍ରତ୍ୟେହ ଲୋକମାନେ ନଦୀ, ପୁଷ୍କରିଣୀ ଇତ୍ୟାଦି ଗର୍ଭ ମଧ୍ୟକୁ ବିସର୍ଜନ ନାଁରେ ବିଷଯୁକ୍ତ ବର୍ଜ୍ୟ ଫୋପାଡ଼ି ଚାଲିଥିଲେ ମଧ ନା ଏଥିପାଇଁ କୌଣସି ତାଗିଦ୍ ଅଛି ନା କଟକଣା ଅଛି ନା ରହିଛି କିଛି ସ୍ଥାୟୀ ବ୍ୟବସ୍ଥା। କେଉଁଠି କେଉଁଠି ଜଳ ବି ଜହର ପାଲଟି ଗଲାଣି। ଏ ନେଇ ପରିବେଶବିତ୍ ସୁଶାନ୍ତ ସାହୁ ଚିନ୍ତା ପ୍ରକଟ କରିବା ସହ ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କୁ ପତ୍ର ମାଧ୍ୟମରେ ନଦୀ, ପୁଷ୍କରିଣୀ ନିକଟରେ ସ୍ଥାୟୀ ଭାବରେ ବିସର୍ଜନ କୁଣ୍ଡ ନିର୍ମାଣ ଲାଗି ପ୍ରସ୍ତାବ ରଖିଛନ୍ତି। ଶ୍ରୀ ସାହୁ ପତ୍ରରେ ଉଲ୍ଲେଖ କରିଛନ୍ତି ରାତି ପାହିଲେ ଜନସାଧାରଣ ଠାକୁରଙ୍କ ପୂଜାପାଠ ଓ କର୍ମକାଣ୍ଡ ପରେ ବାହାରୁଥିବା ବର୍ଜ୍ୟ ଯଥା- ପଲିଥିନ୍, ପ୍ଲାଷ୍ଟିକ, ରାସାୟନିକଯୁକ୍ତ ରଙ୍ଗର ଦେବାଦେବୀଙ୍କ ମୂର୍ତ୍ତି, କାଚବନ୍ଧେଇ ଯୁକ୍ତ ଠାକୁରଙ୍କ ଫଟୋ, ଫୁଲ, ଫଳ, ଡ଼ାଳ, କାଠ, ଥର୍ମୋକୁଲ, କପଡ଼ା, ବାଲି, ମାଟି, ଗୋବର ଇତ୍ୟାଦିଗୁଡ଼ିକୁ ବିଭିନ୍ନ ଜଳାଶୟରେ ବିସର୍ଜନ ନାଁରେ ଫିଙ୍ଗି ଦେଇ ଚାଲି ଆସିଥାନ୍ତି। ଏଥିପାଇଁ ବିଶେଷକରି ବ୍ରାହ୍ମଣ, ପୁରୋହିତ ବା ପୂଜକମାନେ ପରାମର୍ଶ ଦେଇଥାନ୍ତି। ଲୋକେ ଏହାକୁ ଅକ୍ଷରେ ଅକ୍ଷରେ ପାଳିଥାନ୍ତି। ଏହାର ପ୍ରଭାବ ପରିବେଶ, ଜଳ ଓ ଜଳଚର ଜୀବମାନେ କିଭଳି ରୂପେ କ୍ଷତିଗ୍ରସ୍ତ ହୋଇଥାନ୍ତି ତାହା ଟିକିଏ ବି କେହି ଚିନ୍ତା କରନ୍ତି ନାହିଁ। ଯଦ୍ୱାରା ଜଳର ଗୁଣ ଓ ମାନ ସବୁ କିଛି ନଷ୍ଟ ହୋଇଯାଏ। ଶେଷରେ କିଛି ବର୍ଷ ମଧ୍ୟରେ ଏହା ପୋତି ହୋଇଯାଏ। ଯଦି ପ୍ରତ୍ୟେହ ଏପରି ଚାଲେ ପ୍ରଥମତଃ ପିଇବା ପାଇଁ ପାନୀୟ ଜଳ ବି ମିଳିବ ନାହିଁ। ଦ୍ୱିତୀୟରେ ଜଳ ହୋଇଯିବ ଜହର! ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟେହ ନଦୀ, ପୁଷ୍କରିଣୀ ଇତ୍ୟାଦି ମଧ୍ୟକୁ ବିସର୍ଜନ ନାଁରେ ବିଷ ପରି ବର୍ଜ୍ୟ ଫିଙ୍ଗା କାର୍ଯ୍ୟକୁ ରୋକିବାକୁ ହେଲେ ସ୍ଥାୟୀ ବିସର୍ଜନ କୁଣ୍ଡ ନିର୍ମାଣର ଯଥେଷ୍ଟ ଆବଶ୍ୟକତା ରହିଛି। ଏ ନେଇ ଜନସାଧାରଣଙ୍କୁ ସଚେତନ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷ ମାର୍ଗଦର୍ଶିକା ଜାରି କରନ୍ତୁ ବୋଲି ଶ୍ରୀ ସାହୁ କହିଛନ୍ତି।

## ପୌରପରିଷଦ ବୈଠକରେ ହୋହାଲ୍ଲା, ଉଠି ଚାଲିଗଲେ ଅଧିକାରୀ ଓ ଅଧ୍ୟକ୍ଷା

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ପୌର ପରିଷଦ ବୈଠକରେ ସହରର ଅବ୍ୟବସ୍ଥାକୁ ନେଇ କାଉନସିଲରମାନେ ହୋହାଲ୍ଲା ଓ ବିରୋଧ ପ୍ରଦର୍ଶନ କରିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ବୈଠକ ଅଧାରୁ ଉଠି ଚାଲିଯାଇଥିବା ପରିଲିଖିତ ହୋଇଥିଲା। ସୂଚନା ଅନୁଯାୟୀ ଗତ ମାସ ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ପୌରପରିଷଦ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ସହରର ରାସ୍ତାଘାଟର ଅବସ୍ଥା ଦିନକୁ ଦିନ ଦୟନୀୟ ହେବା, ସଫେଇ କାର୍ଯ୍ୟ ଠିକ ନ ହେବା, ସୌନ୍ଦର୍ଯ୍ୟକରଣ ଓ ଆଲୋକ ବ୍ୟବସ୍ଥାର ଦୁରବସ୍ଥା ପ୍ରଭୃତି ଆରୋପ ନେଇ କାଉନସିଲରମାନେ ହୋହାଲ୍ଲା କରିଥିଲେ। ଚାରି ମାସ ହେଲା ବୈଠକରେ ପାରିତ ହୋଇନଥିବା କିଛି କାର୍ଯ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ମନଇଚ୍ଛା ନିଷ୍ପତ୍ତି ନେଇଥିବା ଅଭିଯୋଗ କରି ହୋହାଲ୍ଲା କରିବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ପୌରପରିଷଦରେ ଆଲୋଚନା କରା ନ ଯାଇ ଚଳିତ ବର୍ଷ ପ୍ରତ୍ୟେକ ଦୁର୍ଗାପୂଜା ମଣ୍ଡପରୁ ୭୦୦ ଟଙ୍କା ଲେଖାଏଁ ଆଦାୟ, ସ୍ୱାୟତ୍ତ ଶାସନ ଦିବସ ପାଳନ ଓ କଳିଙ୍ଗ ଟେଣ୍ଡର ସହ ଅନ୍ୟାନ୍ୟ ଗୁରୁତ୍ୱପୁର୍ଣ୍ଣ ପ୍ରସଙ୍ଗ ଉଠାଇବା ସହ ଏ ନେଇ କଣ ପାଇଁ କାଉନସିଲରମାନଙ୍କ ସହ ଆଲୋଚନା କରାଯାଉନାହିଁ ଏବଂ ମନଇଚ୍ଛା ପୌରପରିଷଦ ଅର୍ଥ ଖର୍ଚ୍ଚ କରୁଛି ଏବଂ ସହରବାସୀଙ୍କଠାରୁ ଅର୍ଥ ଆଦାୟ କରାଯାଉଛି ବୋଲି କାଉନସିଲର ପଚାରିଥିଲେ। ଦ୍ୱିତୀୟତଃ ବୈଠକର ଆଲୋଚନା ଅନୁଯାୟୀ ବିବରଣୀ ଲେଖାନଯାଇ ଅଲଗା ଲେଖାଯାଉଥିବା କାଉନସିଲର ସତ୍ୟସୁନ୍ଦର ଦାସ, ନିତ୍ୟଗୋପାଳ ସେଠୀ, ମୀନା ମହାନ୍ତି , ଆୟୁବ ଖାଁ, ପଦ୍ମଲୋଚନ ଲେଙ୍କା, ଦେବାଶିଷ ସିଂ, ପୂର୍ଣ୍ଣଚନ୍ଦ୍ର ନାୟକ, ରଞ୍ଜିତା ମହାପାତ୍ର ଏବଂ ଅନ୍ୟ କାଉନସିଲରମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ବୈଠକରୁ ଉଠି ଚାଲିଯାଇଥିଲେ। ପରେ ହଟ୍ଟଗୋଳ ବଢ଼ିବାରୁ ଅନ୍ୟ ଅଧିକାରୀ ଓ ଅଧ୍ୟକ୍ଷା ସମ୍ମିଳନୀ କକ୍ଷରୁ ଉଠି ପଳାଇଯାଇଥିଲେ। ମାତ୍ର ଅଧଘଣ୍ଟାରେ ବୈଠକ ଶେଷ ହୋଇଯାଇଥିଲା।

## ଚାକିରି ଦେବା ଆଳରେ ତିନିଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

ବାଲେଶ୍ୱର (ପିଏନ୍)-ବେକାର ଯୁବକମାନଙ୍କୁ ଡିଆରଡିଓର ଅଗ୍ନିସମ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି କରାଇ ଦେବାର ପ୍ରଲୋଭନ ଦେଖାଇ ତିନିଜଣ ଯୁବକଙ୍କଠାରୁ ତିନିଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିନେବା ଭଳି ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ କରି ନିରାଶ ହେବା ପରେ ସେମାନେ ଅଭିଯୁକ୍ତକୁ ବାଲେଶ୍ୱର ଓଟି ରୋଡ଼ ଫକୀରମୋହନ ଗୋଲେଇ ନିକଟରେ ଅଭିଯୁକ୍ତ ବାଇକ ଚଲାଇ ଯାଉଥିବା ବେଳେ ଠକାମୀର ଶିକାର ହୋଇଥିବା ଯୁବକମାନେ ଧରି ସହଦେବଖୁଣ୍ଟା ଆଦର୍ଶ ଥାନାରେ ଜିମା ଦେଇଥିଲେ। ମିଳିଥିବା ତଥ୍ୟ ମୁତାବକ ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମର ଚିନ୍ମୟ ରଣା ଓ ମୃତ୍ୟୁଞ୍ଜୟ ରଣାଙ୍କ ସମେତ ମୋଟ ତିନିଜଣଙ୍କଠାରୁ ଯଥାକ୍ରମେ ୧.୩୫, ୧.୫୦ ଏବଂ ୧.୪୫ ଲକ୍ଷ ଟଙ୍କା ନେଇ ଚାନ୍ଦିପୁର ଥାନା ଅଞ୍ଚଳର ସୁଦର୍ଶନ ଗୋଚ୍ଛାୟତ ଚମ୍ପଟ ମାରିଥିଲା। ସୁଦର୍ଶନକୁ ଫକୀର ମୋହନ ଗୋଲେଇ ରାସ୍ତାରେ ଯାଉଥିବା ବେଳେ ତାକୁ ଅଭିଯୋଗକାରୀମାନେ କାବୁ କରି ଥାନାରେ ଜିମା ଦେଇଥିଲେ। ତେବେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇ ନ ଥିବାର ଜଣାପଡ଼ିଛି। ପୁଲିସ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଥିବାର ଜଣାପଡ଼ିଛି।

### ଆମ ପରିବାରର ନୂଆ ସଭାପତି ହେଲେ ପ୍ରମୋଦ କୁମାର ପୃଷ୍ଟି

ଭୁବନେଶ୍ୱର (ପିଏନ୍): ଆଧ୍ୟାତ୍ମିକ ଓ ସାମାଜିକ ସଂଗଠନ 'ଆମ ପରିବାର' ତାର ପାଞ୍ଚବର୍ଷ ପୂର୍ତ୍ତି ପାଳନ କରିଛି। ଭୁବନେଶ୍ୱର ସହିଦନଗରସ୍ଥିତ 'ଆମ ପରିବାର' ଓଡ଼ିଶାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ସହ ନୂତନ ରାଜ୍ୟ ସଭାପତି ଘୋଷଣା କରିଛି ସଂଗଠନ। ସମାଜସେବୀ ମହାସଂଘ ରାଜ୍ୟ ସଭାପତି ବାପୁ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଗଠନର ସମସ୍ତ ସଦସ୍ୟଙ୍କ ଆଲୋଚନା ପରେ ଶ୍ରୀଯୁକ୍ତ ପ୍ରମୋଦ କୁମାର ପୃଷ୍ଟିଙ୍କୁ ସଂଗଠନର ସଭାପତି ଚୟନ କରାଯାଇଥିଲା। ଆମ ପରିବାରର ମାର୍ଗଦର୍ଶକ ହରିଓଁ ବାବା, କାଳା ବାବା, ବାବା ପଥଦେବ, ପ୍ରମୋଦ କୁମାର ପୃଷ୍ଟିଙ୍କୁ ଆନୁଷ୍ଠାନିକ ଶପଥ ପାଠ କରାଇଥିଲେ। ଏହା ସହ 'ଆମ ପରିବାର' ଓଡ଼ିଶାର ରାଜ୍ୟ କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ଚଳଚ୍ଚିତ୍ର ଅଭିନେତା ସୁମନ ମହାରଣାଙ୍କୁ ବାମନ ସଂଘ ସଭାପତି, ସ୍ନେହାଶ୍ରୀଙ୍କୁ କିନ୍ନର ସଂଘ ସଭାପତି, ମାତା ମାଙ୍କୁ କିନ୍ନର ସଂଘ ସମ୍ପାଦିକା, ବିଶ୍ୱଜିତ ବହଳିଙ୍କୁ ଖୋର୍ଦ୍ଧା ଜିଲ୍ଲା ସଭାପତି ଓ ଚୌଧୁରୀ ଚନ୍ଦ୍ରକାନ୍ତ ମହାପାତ୍ରଙ୍କୁ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଏବଂ ଚିତ୍ତରଞ୍ଜନ ଦାସ ଓ ସଂଜୟ ପରିଡ଼ାଙ୍କୁ ସଂଗଠନର ରାଜ୍ୟ ପ୍ରଭାରୀ ଭାବେ ସଂଗଠନ ଘୋଷଣା କରିବା ସହ ଶପଥପାଠ କରାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ସଂଗଠନର ମୁଖ୍ୟ ପରିଚାଳକ ସତ୍ୟ ଜେନା।

### ଭିଣୋଇକୁ ୫ ଲକ୍ଷ ଟଙ୍କା ଦେବାବେଳେ ଧରିଲା ଭିଜିଲାନ୍ସ

ବାଲେଶ୍ୱର (ପିଏନ୍)- ନିଜ ଭିଣୋଇକୁ ସରକାରୀ ବାସଭବନକୁ ଡାକି ଲାଞ୍ଚରୁ ମିଳିଥିବା ଟଙ୍କା ଦେବାବେଳକୁ ଧରିଲା ଭିଜିଲାନ୍ସ। ଭଦ୍ରକରେ ସାଳନ୍ଦୀ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀମନ୍ତ ସେଠୀ ନିଜ ସଂପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଦେଉଥିବା ସମୟରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଶ୍ରୀମନ୍ତ ବାଲେଶ୍ୱର ଜିଲ୍ଲା ବାହାନଗାରେ ରହୁଥିବା ଭିଣୋଇକୁ ଡ଼ାକି ଲାଞ୍ଚ ପାଇଥିବା ୫ ଲକ୍ଷ ଟଙ୍କା ଦେଉଥିଲେ। ପୂର୍ବରୁ ସୂଚନା ପାଇ ଭଦ୍ରକ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଶ୍ରୀମନ୍ତଙ୍କ ବାଲେଶ୍ୱରରେ ଥିବା ଘର, ଖଇରାରେ ଥିବା ପୈତୃକ ଘର, ଗୋବିନ୍ଦପୁରରେ ଥିବା ଭିଣୋଇ ଘର, ଭଦ୍ରକରେ ଥିବା କାର୍ଯ୍ୟାଳୟ ଓ ବାସଭବନରେ ଚଢ଼ାଉ ଜାରି ରହିଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିରୁଦ୍ଦିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଦିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା। ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## କାଣ୍ଡଗୋଦା ଲୁଣା ନଦୀବନ୍ଧ ପରିଦର୍ଶନ କଲେ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ

ପୁରୀ, (ପି.ଏନ): କାଣ୍ଡଗୋଦା ଗ୍ରାମପଂଚାୟତ ନିକଟ ଲୁଣା ନଦୀବନ୍ଧ ନିର୍ମାଣ କାର୍ଯ୍ୟକୁ ପୁରୀ ଜଳସେଚନ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ପରିଦର୍ଶନ କରିବା ସହ ମଜଭୁତ କାମ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ଦିନ ପଞ୍ଚାୟତର ସରପଞ୍ଚ କାମଦେବ ରାଉତରାୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ କରିଥିଲେ । ମାର୍କଣ୍ଡପଡ଼ା ବ୍ରିଜ୍ ଠାରୁ ମନ୍ଦିର ପର୍ଯ୍ୟନ୍ତ ଲୁଣା ନଦୀବନ୍ଧ କାମ ଯୋରସୋରେ ଆଗେଇ ଚାଲିଛି । ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କୁ ଶ୍ରୀ ଦଳାଇ ଏହି କାର୍ଯ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ପାଇବା ପରେ ଅଧୀକ୍ଷଣ ଯନ୍ତ୍ରୀ ଘଟଣା ସ୍ଥଳକୁ ଯାଇଥିବାରୁ ଗ୍ରାମବାସୀମାନେ ଖୁସିବ୍ୟକ୍ତ କରିଥିଲେ । ସେହିପରି ଆଜି ଶୁକ୍ରବାର ଦିନ ପୂର୍ବାହ୍ନରେ ବାଲିପଡ଼ା ପଞ୍ଚାୟତର ବାଙ୍ଗୁରୁବା ଗ୍ରାମର ନେତୃ ସ୍ଥାନୀୟ ବ୍ୟକ୍ତି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଖାକରି ନଦୀରେ ପାଣି ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ଚନ୍ଦନପୁର ଭାର୍ଗବୀ ନଦୀ ଚେକଗେଟରେ ଅଧିକ ବାଲି ଅଖା ପକାଇ ପାଣି ଅଟକାଇଲେ ଚାଷ ଜମିକୁ ଚାଷିମାନେ ପାଣି ମନାଇ ପାରିବେ । ଯାହାଫଳରେ ୨ ହଜାର କ୍ଟେର ଜମିରେ ଧାନ ଫସଲ ଧୋଡୁଓ ବାହାରି ପାଚିବା ପୂର୍ବରୁ ପାଣି ପାଇଲେ ହୃଷ୍ଟପୃଷ୍ଟ ଧାନ ହେବ ବୋଲି ଗ୍ରାମବାସୀମାନେ ମତ ଦେଇ ଦେଇଥିଲେ ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ୍ୟ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉପ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ



କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

# ପୁରୀ ଜିଲ୍ଲା ସବ୍‌ରେଜିଷ୍ଟାର କାର୍ଯ୍ୟାଳୟରେ ବାଇପ୍ଲଟ ରେଜେଷ୍ଟିକୁ ନେଇ ଦ୍ୱନ୍ଦ : ସ୍ଥାୟୀ ସବରେଜିଷ୍ଟାର ନିଯୁକ୍ତି ଦାବି

ପୁରୀ,(ପି.ଏନ): ବିଶ୍ୱ ଐତିହ୍ୟ ସହର ପୁରୀ । ସାରା ଭାରତବର୍ଷରେ ଧାର୍ମିକ ବ୍ୟକ୍ତିମାନେ ପୁରୀରେ ଯାଗା କିଣି ଶେଷ ସମୟ ବିତାଇବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ପ୍ରତିଦିନ ପୁରୀ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟରେ ଶହେରୁ ଉର୍ଦ୍ଧ୍ୱ ଜିମ କିଣାବିକା ହେଉଛି । କେତେକ ଜମି ଦଲାଲ ଗ୍ରାହକଙ୍କ ଠାରୁ ଅଧିକ ଅର୍ଥ ନେଇ ଜମି କିଣାବିକା କରୁଥିଲେ ମଧ ବାସ୍ତବ କ୍ଷେତ୍ରରେ କେତେକ ସ୍ଥାନରେ କ୍ରେତା ଜମି ପାଉନଥିବା ଅଭିଯୋଗ ହେଉଛି । କେଉଁଠି ୧୦ ଫୁଟିଆ ଓ ୧୫ ଫୁଟିଆ ରାସ୍ତା ରହିଥିବାବେଳେ ବିଦ୍ୟୁତ ଓ ଡ୍ରେନେଜ ସୁବିଧା ରହୁନାହିଁ । ଏ ସମ୍ପର୍କରେ ରାଜ୍ୟ ସରକାର ଜମି କ୍ରେତାଙ୍କ ସୁବିଧା ପାଇଁ ଅନେକ ନିୟମ ଓରେରା ଓ ପିକେଡ଼ିଏ ଜରିଆରେ ଅନେକ ନିୟମ କରାଯାଇଛି । ଓଡ଼ିଶା ସ୍ଥାବର ସମ୍ପତି ନିୟାମକଙ୍କ ପ୍ରାଧିକରଣ (ଓରେରା) ପୁରୀ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟରେ ସ୍ଥାୟୀ ସବ୍‌ରେଜିଷ୍ଟର ନିଯୁକ୍ତି ହେଉନଥିବାରୁ ଇନଚାର୍ଜଙ୍କ ଜରିଆରେ ଜମି ରେଜିଷ୍ଟି କାମ ଚାଲୁ ରହିଛି । ଅନେକ ଆଇନଜୀବୀ ଓ ମୋହରିର ସ୍ଥାୟୀ ସବରେଜିଷ୍ଟାର ନିଯୁକ୍ତି ପାଇଁ ଦାବି କରିଛନ୍ତି । ପୂର୍ବରୁ କେତେକ ସବ୍‌ରେଜିଷ୍ଟାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ଅଧିକ ପ୍ଲଟ କରି ଜାଗା ବିକ୍ରି କରୁଥିବା ମାଲିକ ଓ ରିୟଲ ଇଷ୍ଟେଟ ମାନେ ଅନେକ ଗାଇଡ଼ଲାଇନ ମାନିବାକୁ ନିୟମ ରହିଛି । କିଛି ମାସ ତଳେ ବାଇପ୍ଲଟ ରେଜିଷ୍ଟିରେ ବନ୍ଦ କରାଯାଇଥିଲା । ଏବେ କେଉଁ ଆଧାରରେ କାହା ନିର୍ଦ୍ଦେଶରେ ଶହ ଶହ ବାଇପ୍ଲଟ ରେଜଇଷ୍ଟି ହେଉଛି ତାହା ଜନସାଧାରଣ ଜାଣିପାରୁନାହାନ୍ତି । କେତେକ ମୌଜାରେ ଜମି ରେଜିଷ୍ଟି ଲଗ ହୋଇଥିବାବେଳେ ଲକ୍ ଖୋଲି କିପରି ରେଜେଷ୍ଟି କରାଯାଉଛି ସେ ସମ୍ପର୍କରେ ଏକ ଅଭିଯୋଗ ହୋଇଥିଲା । ଏଠାରେ ଯୋଗଦେଇଥିବା ସବ୍‌ରେଜିଷ୍ଟାରଙ୍କ କାର୍ଯ୍ୟାକଳାପ ସନ୍ଦେହ ଜନକ ଓ ଦୁର୍ନୀତି ହେଉଥିବା ଆଭାସ ମିଳୁଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି । ଏଠାରେ ଥିବା କେତେକ ଚତୁର କର୍ମଚାରୀ ବିଲଡ଼ର ଓ ଜମି ମାଫିଅଙ୍କୁ ହାତ କରି ଲକ୍ଷ ଲକ୍ଷ ଟଙ୍କାର ଗାଡ଼ି ଚଳାଉଥିବା ଅଭିଯୋଗ ଶୁଣିବାକୁ ମିଳୁଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday October 30, 2022 ଭୁବନେଶ୍ୱର ରବିବାର, ଅକ୍ଟୋବର ୩୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଏ.ଏମ୍/ଏନ୍.ଏସ୍.ଇଣ୍ଡିଆ ପକ୍ଷରୁ ମାଟିରେ ବିହନ ବଲ୍ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଆୟୋଜିତ




ପାରାଦୀପ,(ପି.ଏନ):ପାରାଦୀପଠାରେ ଥିବା ଆର୍ସେଲର ମିତଲ/ନିପନ୍ ଷ୍ଟିଲ ଇଣ୍ଡିଆର(ଏ.ଏମ୍./ଏନ୍.ଏସ୍.) ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧିନରେ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ମାଟିରେ ବିହନ ବଲ୍ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା । କମ୍ପାନୀର ନିଜର କିଛି କର୍ମଚାରୀମାନଙ୍କୁ ସବୁଜ ବଳୟ ସୃଷ୍ଟି କ୍ଷେତ୍ରରେ ନିୟୋଜନ କରାଯିବ । କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟରେ ସାମିଲ ହେବେ । ପରିବେଶ ସୁରକ୍ଷା କ୍ଷେତ୍ରରେ ଏହି ମାଟିରେ ପ୍ରସ୍ତୁତ ବିହନ ବଲ୍ ସହାୟକ ହୋଇପାରିବ । ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ କର୍ମଚାରୀ ଅଂଶଗ୍ରହଣ କରି ମାଟିରେ ପ୍ରସ୍ତୁତ ବିହନ ବଲ୍ ତିଆରି କରିଥିଲେ । କାର୍ବନ୍ ଫୁଟ୍ ପ୍ରିନ୍ଟକୁ ହ୍ରାସ କରିବା ଏବଂ ପ୍ଲାନ୍ଟ ମଧ୍ୟରେ ସବୁଜ ବଳୟ ବୃଦ୍ଧି ନିମନ୍ତେଏହି ମଂଜି ଗୁଡିକୁ ରୋପଣ କରାଯିବ । ଆଗାମୀ ଦିନରେ ଏହିପରି ଅଧିକ ଶିକ୍ଷଣୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଯୋଜନା ରହିଥିବା ଆଏ.ଏମ୍./ଏନ୍.ଏସ୍.ଇଣ୍ଡିଆର ସିଏସଆର ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି

## ଗ୍ରାମାଂଚଳରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସାଇକ୍ଲୋଥନ କାର୍ଯ୍ୟକ୍ରମ

ବଲାଙ୍ଗିର, (ପି.ଏନ):ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ବୁଡା ଗ୍ରାମରେ ରେଡକ୍ରସ ସୋସାଇଟିର ସଦସ୍ୟମାନଙ୍କ ତରଫରୁ ନୂତନ ରକ୍ତଦାତା ସୃଷ୍ଟି କରିବା ପାଇଁ ଏକ ସାଇକ୍ଲୋଥନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରେଡକ୍ରସ କର୍ମୀ ରାମ ନାରାୟଣ ଦାଶଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡେଙ୍ଗ ଗ୍ରାମପଂଚାୟତର ସରପଂଚ ଇତିଶ୍ରୀ ସାହୁ ଯୋଗଦାନ କରିଥିଲେ ।ପ୍ରଥମରେ ଗ୍ରାମବାସୀମାନଙ୍କୁ ନେଇ ସାଇକ୍ଲୋଥନ ସଚେତନତା କାର୍ଯ୍ୟକ୍ରମ ଗ୍ରାମ ପରିକ୍ରମା କରିଥିଲା । ପରେ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ରକ୍ତଦାନ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ତେଣୁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଉଚିତ ବୋଲି ଅତିଥିଗଣ ମତ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମକୁ ରେଡକ୍ରସ କର୍ମୀ ଅରିବିନ୍ଦ କୁମ୍ଭାର ପରିଚାଳନା କରିଥିବା ବେଳେ ପ୍ରଭାକର ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ରେଡକ୍ରସ କର୍ମୀ ସୁନିଲ ରଣା, କପିଳ ଭୋଇ, ବର୍ଷା ସାହୁ, ସୁନୀତା ମହାକୁଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଅରୁନ୍ଧତୀ ଫାଉନଡ୍ରେସନ୍ ପକ୍ଷରୁ ନିର୍ମିତ ବଲାଙ୍ଗିର ଲୋକନାଥ ବାବାଙ୍କ ଯଜ୍ଞ ମଣ୍ଡପ ଲୋକାର୍ପିତ

ବଲାଙ୍ଗିର, ,(ପି.ଏନ): ବଲାଙ୍ଗିରର ସର୍ବ ପୁରାତନ ଲୋକନାଥ ବାବାଙ୍କ ମନ୍ଦିରରେ ଅରୁନ୍ଧତୀ ଫାଉଣ୍ଡେସନ୍ ପକ୍ଷରୁ ନବ ନିର୍ମିତ ଯଜ୍ଞ ମଣ୍ଡପକୁ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ୍ ରାଣା ଲୋକାର୍ପଣ କରିଛନ୍ତି । ଏହି ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ଭାଇ ଅଚ୍ୟୁତାନନ୍ଦ ମେହେରଙ୍କ ପିତା ଗୌରାଙ୍ଗ ମେହେର ଓ ମାତା ଲକ୍ଷ୍ମୀ ମେହେର ଉପସ୍ଥିତ ଥିଲେ ।ଆଜି ଏହି ଲୋକାର୍ପଣ ଉତ୍ସବ ପାଇଁ ବଡି ଭୋରରୁ ପୂଜାର୍ଚ୍ଚନା ଓ ବିଧି ମୁତାବକ ପଣ୍ଡିତ ମାନେ ପ୍ରତିଷ୍ଠା କର୍ମ କରିଥିଲେ । ଏହି ମନ୍ଦିର ପୂରାତନ ହୋଇଥିଲେ ସୁଦ୍ଧା ପୂରାତନ ମଣ୍ଡପଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା । ବ୍ରହ୍ମାନନ୍ଦଙ୍କ ମାତା ଲକ୍ଷ୍ମି ଦେବୀ ପ୍ରତ୍ୟହ ମନ୍ଦିରକୁ ଯାଉଥିବା ବେଳେ ଏ ସମ୍ପର୍କରେ ନିଜର ପୁଅ ମାନଙ୍କୁ କହି ଏହା ନିର୍ମାଣ ପାଇଁ କହିଥିଲେ ବୋଲି ବ୍ରହ୍ମାନନ୍ଦ ପ୍ରକାଶ କରିଥିଲେ ।ଆଜିର ଏହି ମଣ୍ଡପ ଲୋକାର୍ପଣ କାର୍ଯ୍ୟକ୍ରମରେ ମେହେର ପରିବାରର ସମସ୍ତ ସଦସ୍ୟ ମାନଙ୍କ ବ୍ୟତୀତ ନଗରର ଅନେକ ଶ୍ରଦ୍ଧାଳୁ, ଲୋକନାଥ ବାବାଙ୍କ କମିଟି ସଦସ୍ୟ, ବ୍ୟବସାୟୀ, ନଗରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପୁରୁଷ ମହିଳା ମାନେ ଯୋଗଦେଇଥିଲେ । ଶେଷରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା ।

## ଖୋର୍ଦ୍ଧା ଗାୟତ୍ରୀ ଶକ୍ତିପୀଠରେ ପ୍ରଶିକ୍ଷଣ ଶିବିର



ଖୋର୍ଦ୍ଧା,(ପି.ଏନ):ସ୍ଥାନୀୟ ବି.ଜେ.ବି ନଗରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଜିଲ୍ଲା ସଂଯୋଜକ ଜୟନ୍ତ ମିଶ୍ର ଓ ଗାୟତ୍ରୀ ଶକ୍ତିପୀଠର ତତ୍ୱାବଧାରକ ଇଂ ପ୍ରମୋଦ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଜିଲ୍ଲାର ଦଶଟି ବ୍ଲକ୍ ଓ ୫ଟି ସହରାଚଂଳରୁ ଆସିଥିବା ଗାୟତ୍ରୀ ପରିଜନମାନଙ୍କୁ ନେଇ ଏକ ପ୍ରଶିକ୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସର୍ବଶ୍ରୀ ହୃଦାନନ୍ଦ ସାହୁ, ପଦ୍ମନାଭ ଲେଙ୍କା, ଦୁର୍ଗାଚରଣ ଦାସ, ଗୋପୀନାଥ ସାହୁ, ରବୀନ୍ଦ୍ର କୁମାର ପଟ୍ଟନାୟକ, ସଂଯୁକ୍ତ ପଟ୍ଟନାୟକ, ଚାରୁଲତା ଶ୍ରୀଚନ୍ଦନ, ବୈକୁଣ୍ଠନାଥ ସାହୁ, ମନୋଜ ପାତ୍ର, ଉଲ୍ଲାସ ପୃଷ୍ଟି, ସତ୍ୟବାଦୀ ବଳିଆରସିଂହ, ପ୍ରହଲ୍ଲାଦ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ଯୁଗ ନିର୍ମାଣ ମିସନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିୟମିତ ଉପାସନା, ମନ୍ତ୍ର ଲିଖନ, ସ୍ୱାଧ୍ୟାୟ, ବଳିବୈଶ୍ୱଯଜ୍ଞ, ପ୍ରଜ୍ଞାଯୋଗ ସତ୍ ସାହିତ୍ୟ ବିତରଣ ସହ ମାସିକ ଓଡ଼ିଆ ପତ୍ରିକା ଅଖଣ୍ଡ ଜ୍ୟୋତି ଓ ପ୍ରଜ୍ଞା ଅଭିଯାନର ବହୁଳ ପ୍ରଚାର ପ୍ରସାର କରାଯିବା ପାଇଁ ସ୍ଥିର ହେଲା । କୃଷ୍ଣଚନ୍ଦ୍ର ସାହୁ, ଶାକମ୍ଭରୀ ପଟ୍ଟନାୟକ, ସବିତା ପୃଷ୍ଟି, ଗନ୍ଧର୍ବ ବେହେରା, ରବି ନାରାୟଣ ସାହୁ ଓ ଚିତ ରଂଜନ ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ୪୨ ଜଣ ଗାୟତ୍ରୀ ପରିଜନ ଯୋଗ ଦେଇଥିଲେ ।

## ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଅଂଚଳବାସୀ

ପୁରୀ, (ପି.ଏନ); ଚନ୍ଦନପୁର ତିନିମୁହାଣି ଆନିକଟ ନିକଟରେ ଭାର୍ଗବୀ ନଦୀ ଜଳ ଅବରୋଧ କରି ଉପର ମୁଣ୍ଡରେ ଥିବା ଅଂଚଳ ତଥା ବାଲିପଡ଼ା, ଚାଳିଶିବାଟିଆ, ଗଡ଼ମୃଗଶିରା ଏବଂ ଉପରମୁଣ୍ଡର ଅନେକ ଅଂଚଳ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଇବା ଦାବିରେ ଆଜି ପୁରୀ ଜିଲ୍ଲା ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇଙ୍କୁ ଭେଟିଛନ୍ତି ଅଂଚଳବାସୀ । ଶ୍ରୀ ଦଳେଇଙ୍କୁ ଭେଟିବା ସହ ସେମାନେ ସମସ୍ୟା ବାବଦରେ ତାଙ୍କୁ ଅବଗତ କରିଛନ୍ତି । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳେଇ ମଧ୍ୟ ସମସ୍ୟାକୁ ଗୁରୁତ୍ୱର ସହ ନେଇ ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।ଏହି ସମୟରେ ସେଠାରେ ଅଂଚଳର ବିଶିଷ୍ଟ ସମାଜସେବୀ ସୋମନାଥ ପ୍ରହରାଜ, ସଚ୍ଚିଦାନନ୍ଦ ଭୋଇ, ଶତ୍ରୁଘ୍ନ ପ୍ରଧାନ, କ୍ଷେତ୍ରମୋହନ ପରିଡା, ଗଙ୍ଗାଧର ସ୍ୱାଇଁ, କୃଷ୍ଣ ମୋହନ ପରିଡା ଏବଂ ଅଂଚଳର କିଛି ଚାଷୀ ଉପସ୍ଥିତ ଥିଲେ ।

## ତେଲୁଗୁ ସଂପ୍ରଦାୟର ଲୋକେ ପାଳିଲେ ନାଗ ଚତୁର୍ଥୀ




କୋଣାର୍କ ,(ପି.ଏନ): କୋଣାର୍କ ଏନଏସିର ୮ନମ୍ବର ୱାର୍ଡ ଅନ୍ତର୍ଗତ ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ବସବାସ କରୁଥିବା ହୀନ୍ଦୁ ସମ୍ପ୍ରଦାୟର ପୁରୁଷ ଓ ମହିଳା ମାନେ ଆଜି ନାଗ ଚତୁର୍ଥୀକୁ ଧୁମଧାମରେ ପାଳନ କରିଛନ୍ତି । ତେଲୁଗୁ ସମ୍ପ୍ରଦାୟର ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି । କାର୍ତ୍ତିକ ମାସର ନାଗ ଚତୁର୍ଥୀରେ ନାଗ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ମହିଳାମାନେ ନାଗ ଚତୁର୍ଥୀର ୭ଦିନ ପୂର୍ବରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏଥିପାଇଁ ସେମାନେ ମୁଗକୁ ପାଣିରେ ଭିଯାଇ ନିଜ ନିଜ ପୂଜା ଗୃହରେ ପୂଜାର୍ଚ୍ଚନା କରିଥାନ୍ତି । ଇତି ମଧ୍ୟରେ ଏହି ମୁଗଗୁଡିକ ଛୋଟ ଛୋଟ ଗଛରେ ପରିଣତ ହୋଇଯାଇଥାଏ । ନାଗ ଚତର୍ଥୀ ଦିନ ତେଲୁଗୁ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଶରେ ସ୍ନାନ ଓ ଶୌଚ ହୋଇ ନୂତନ ବସ୍ତ୍ର ପରିଧାନ କରି ବସ୍ତିର ନିକଟରେ ଥିବା ଉଇହୁଙ୍କା ପାଖକୁ ଦଳ ଦଳ ହୋଇ ଆସି ପୂଜାର୍ଚ୍ଚନା କରିଛନ୍ତି । ନାଗ ଦେବତାଙ୍କ କୋପରୁ ନିଜ ପରିବାରକୁ ରକ୍ଷା କରିବା ପାଇଁ ସେମାନେ ପ୍ରଥମେ ଉଇ ହୁଙ୍କା ନିକଟକରରେ ସମବେତ ହୋଇ ପୂଜାର୍ଚ୍ଚନା କରିବା ପରେ ସାଙ୍ଗରେ ଆଣିଥିବା କୁକୁଡା ବଳି, ଅଣ୍ଡା, ଖୀର, କଦଳୀ, ନଡିଆ, ମୁଗ ଗଛ ଓ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆରମ୍ଭ କଲେ ଏଣ୍ଡିପୋକ ଚାଷ





ଭୁବନେଶ୍ୱର ,(ପି.ଏନ): ଆଜି ଭୁବନେଶ୍ୱରର ଚନ୍ଦକାସ୍ଥିତ ରେଶମ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ପୌରୋହିତରେ ଓଡିଶାରେ ପ୍ରଥମଥର ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆଚାର୍ଯ୍ୟ ବିହାର ଅନ୍ତର୍ଗତ ସାଇନ୍ସ ପାର୍କ ପଛ ପାଖରେ ଥିବା ୨୮ନମ୍ବର ୱାର୍ଡ ତଥା ବିଜୁ ଆଦର୍ଶ କଲୋନୀରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଭୁବନେଶ୍ୱରରେ ଏଣ୍ଡିପୋକ ଚାଷ ଆରମ୍ଭ କରିଛନ୍ତି । ଚଳିତମାସ ୯ତାରିଖରେ ତାମିଲନାଡୁ ରାଜ୍ୟର ହୋସୁର ସହରରେ ଅବସ୍ଥିତ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ପରିଚାଳିତ ଏଣ୍ଡିପୋକ ବିହନ ଉତ୍ପାଦନ ସଂସ୍ଥାଠାରୁ ଏଣ୍ଡିପୋକର ଅଣ୍ଡା ଅଣାଯାଇ ଓଡିଶାରେ ୧୦୦ପ୍ରଜାତିର ଏଣ୍ଡିପୋକ ଚାଷ କରିବା ପାଇଁ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ରୟାସ କରାଯାଉଛି । କୁହାଯାଉଛି ଏଭଳି ପ୍ରୟାସ ରାଜ୍ୟରେ ପ୍ରଥମ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏଣ୍ଡିପୋକ ଅଣ୍ଡାରୁ ଛୁଆଫୁଟିବାଠାରୁ ମାତ୍ର ୨୦ଦିନ ମଧ୍ୟରେ କୋଷା ପ୍ରସ୍ତୁତ ହୋଇଥାଏ । ଏଣ୍ଡିପୋକମାନେ ଜଡା ତଥା ଗୟଆଳୁ ଇତ୍ୟାଦି ପତ୍ରକୁ ଖାଇ ବଂଚନ୍ତି । ଏମାନେ କୋଷା ବାନ୍ଧିବାର ୪-୫ଦିନ ମଧ୍ୟରେ କୋଷାକୁ ଅମଳ କରାଯାଇ ବୟନଶିଳ୍ପ ନିର୍ଦ୍ଦେଶାଳୟ ଅଧିନରେ ଥିବା ଓଡିଶା ଟସର ଓ ରେଶମ ମହାସଂଘକୁ ବିକ୍ରି କରାଯିବ ବୋଲି ରେଶମ ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ କହିଛନ୍ତି । ସେ ଆହୁରିମଧ୍ୟ କହିଛନ୍ତି ଯେ, ଏହି ଏଣ୍ଡିକୋଷାରୁ ଅହିଂସା ଶିଳ୍କ ପ୍ରସ୍ତୁତ କରାଯାଇଥାଏ , ଯାହାର ଚାହିଦା ଭାରତ ତଥା ଭାରତ ବାହାରେ ପ୍ରଚୁରଭାବେ ରହିଛି । ବୟନ ହସ୍ତତନ୍ତ୍ର ଓ ହସ୍ତ ଶିଳ୍ପର ମୁଖ୍ୟ ସଚିବଙ୍କ ଦିଗ୍‌ଦର୍ଶନ କ୍ରମେ ଓଡିଶାରେ ଅହିଂସା ଶିଳ୍ପର ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଅଛି । ଏଣ୍ଡିକୋଷାରୁ ଏଣ୍ଡି ସୂତା ପ୍ରସ୍ତୁତି ସମୟରେ ଏହି ପୋକକୁ ମରା ଯାଉ ନ ଥିବାରୁ ବୌଦ୍ଧ ଧର୍ମାବଲମ୍ବୀ ଦେଶମାନଙ୍କରେ ଏହି ବସ୍ତ୍ରର ଚାହିଦା ଖୁବ୍ ଅଧିକ ରହିଛି । ଏଣ୍ଡିକୋଷାରୁ ଉତ୍ପାଦିତ ହେଉଥିବା ଏଣ୍ଡିସୂତାରୁ ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ରହୁଥିବା ବୁଣାକାରମାନଙ୍କ ଦ୍ୱାରା ଏଣ୍ଡିର ଶାଢୀ ଓ ଚାଦର ଆଦି ଉପଭୌକ୍ତନ ପାଇଁ ବ୍ୟବହୃତ କରାଯିବାକୁ ଦୃଷ୍ଟିରେ ରଖି ଆଗରୁ କାର୍ଯ୍ୟକ୍ରମମାନ ସ୍ଥିରୀକୃତ ହୋଇସାରିଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡିଶା ବୟନଶିଳ୍ପ ନିର୍ଦ୍ଦେଶାଳୟର ରେଶମଶିଳ୍ପର ଅତିରିକ୍ତ ନିର୍ଦ୍ଦେଶକ, ଭୁବନେଶ୍ୱର ମଧ୍ୟର ମାନ୍ୟବର ବିଧାୟକଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଆଗକୁ ଅଧିକ ଚାଷ କରିବା ଏବଂ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଚାଷ ମଧ୍ୟରେ ଯୋଡିବା ସହ ଅନ୍ୟ ରାଜ୍ୟମାନଙ୍କରେ ଏହି ଚାଷ ମାଧ୍ୟମରେ କିଭଳି ଚାଷୀମାନେ ଆତ୍ମନିର୍ଭର ହୋଇପାରିବେ ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହ ବିଭିନ୍ନ ସ୍ଥାନରେ ହେଉଥିବା ଏଣ୍ଡିପୋକ ଚାଷ ବୁଲିଦେଖିବା ଓ ଶିଖିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି । ସହକାରୀ ରେଶମଶିଳ୍ପ ନିର୍ଦ୍ଦେଶକ ତଥା ଚନ୍ଦକା ଅଫିସର ବୈଷୟକ ନିରୀକ୍ଷକ ଶ୍ରୀ ଶତ୍ରୁଘ୍ନ ଷଡଙ୍ଗୀ ପ୍ରତ୍ୟେକ ଦିନ ସେମାନଙ୍କ ପୋକପାଳନ କେନ୍ଦ୍ରକୁ ଆସି ସେମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରୁଥିବାରୁ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟା ଶ୍ରୀ ଷଡଙ୍ଗୀଙ୍କୁ ସାଧୁବାଦ ଜଣାଇଛନ୍ତି । ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ପ୍ରଥମେ ଏହି ଲାଭଜନକ ଏଣ୍ଡିପୋକ ଚାଷ ଓଡିଶାରେ ଆରମ୍ଭ କରିଛନ୍ତି ସେମାନେ ହେଲେ- ସଭାପତି, ଗୋଲାପ ବୈରୀ ଏବଂ ସମ୍ପାଦିକା,ରଜନୀଗନ୍ଧା ସାହୁଙ୍କ ସମେତ ଅନ୍ୟ ସଭ୍ୟାମାନେ ଯଥା ଲକ୍ଷ୍ମୀ ପରିଡା, ଗୋଲାପ ପରିଡା,ସରୋଜିନୀ ତସାଇ, ଶାନ୍ତିଲତା ବେହେରା, ବନିତା ସାହୁ, ଲାଲି ସ୍ୱାଇଁ, ବନିତା ଆଚାର୍ଯ୍ୟ, ସୁନିତା ସାହୁ ଏବଂ ରିତା ଦଳେଇ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray